

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୮ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 JULY 2022

Vol.No. 35 ■ No. 196 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ଇଡି ପାଖରେ ଅଛି ତଦନ୍ତ ସହ ଗିରଫ କରିବାର ଅଧିକାର : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭/୦୭ : ଦୁର୍ନୀତି ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି ହାତରେ ଗିରଫ କ୍ଷମତାକୁ ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଅର୍ଥ ଠକେଇ ପ୍ରତିରୋଧୀ ଆଇନ ବା ପ୍ରିଭେନସନ ଅଫ୍ ମନି ଲଣ୍ଡ୍ରିଂ ଆକ୍ଟ, ପିଏମଏଲଏର କିଛି ନିର୍ଦ୍ଦିଷ୍ଟ ଧାରା ବଜାୟ ରଖିବା ସପକ୍ଷରେ ମତ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟଳୟ । ଏହାସହ କୋର୍ଟ କହିଛନ୍ତି ଯେ, ଖାଲି ତଦନ୍ତ ନୁହେଁ, ଏହା ଆବଶ୍ୟକସ୍ଥଳେ ଗିରଫ କରିବାର ଅଧିକାର ଇଡି ପାଖରେ ରହିଛି । ଇଡି ବିରୋଧରେ ତଦନ୍ତ, ସର୍ଚ୍ଚ, ସିଜ୍ ଓ ଗିରଫଦାରୀ କ୍ଷମତା ଅବୈଧାନିକ ନେଇ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ଇଡିର ସମସ୍ତ କ୍ଷମତାକୁ ସର୍ବୋଚ୍ଚ ନ୍ୟାୟଳୟ କାଏମ ରଖିଛନ୍ତି । ଏଥିସହ ଇଡି ନିକଟରେ ଥିବା ପ୍ରିଭେସନ୍ ଅଫ୍ ମନି ଲଣ୍ଡ୍ରି ଆକ୍ଟ ବା ପିଏମଏଲଏକୁ କାଏମ ରଖିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । କୋର୍ଟ କହିଛନ୍ତି, ଅର୍ଥ ଠକେଇ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ବଳେ ଏହାର କାରଣ କହିବା ଇଡି ଅଧିକାରୀଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ସେପଟେ ଶୁଣାଣୀ ସମୟରେ ଆବେଦନକାରୀ କହିଥିଲେ ମନିଲଣ୍ଡ୍ରିଂ ମାମଲାର ଅଭିଯୁକ୍ତଙ୍କୁ ଘଟଣା ବିଷୟରେ ନଜଣାଇ ହଠାତ ଗିରଫ କରାଯିବ ଅସାମ୍ବିଧାନିକ । ଇଡି ବୟାନ ରେକର୍ଡ କରିବା ସହ ବିନା ସୂଚନାରେ ଜରିମାନା ଆଦାୟ କରୁଛି । ଏହାକୁ ରଦ୍ଦ କରିବାକୁ ଆବେଦନ କରାଯାଇଥିଲା ଯାହାକୁ ଖାରଜ କରିଛନ୍ତି କୋର୍ଟ । କୋର୍ଟରେ ଇଡିର ଚଢାଉ ପ୍ରସଙ୍ଗକୁ ଉଠାଇ ଆବେଦନକାରୀ କହିଥିଲେ କି ଅଭିଯୁକ୍ତର ବଞ୍ଚିବାର ଅଧିକାର କ୍ଷୁର୍ଣ୍ଣ ହେଉଛି । ଅନ୍ୟପଟେ ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେତା ନିଜର ପକ୍ଷ ମଧ୍ୟ ରଖିଥିଲେ । ଦୁର୍ନୀତି ରୋକିବାକୁ ଇଡି ପାଖରେ ଥିବା ପିଏମଏଲଏ କ୍ଷମତା ଯଥାର୍ଥ ବୋଲି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଇଡି ସରକାରଙ୍କ ଇସାରାରରେ କାମ କରୁଛି ଓ ଏହା ବିରୋଧୀ ଦଳଙ୍କ ଶକ୍ତି କମ କରିବାରେ ସହାୟକ ହେଉଛି ବୋଲି ଅଭିଯୋଗ ହୋଇଥିଲା । ଏହାକୁ ନେଇ ପି,ଚିଦାୟରମ, ଅନିଲ ଦେଶମୁଖଙ୍କ ସମେତ ୨୪୨ଜଣ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ତେବେ ଆବେଦନ ଉପରେ ଶୁଣାଣୀ କରି କୋର୍ଟ କହିଛନ୍ତି ପିଏମଏଲଏ ଭଳି ମାମଲାରେ ଇଡି ଗିରଫ କରିପାରିବ । ଜଷ୍ଟିସ ଦିନେଶ ମାହେଶ୍ୱରୀ, ଜଷ୍ଟିସ ଏଏମ ଖାନବିଲକର ଓ ଜଷ୍ଟିସ ରବିକୁମାର ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି ।

ଭୁବନେଶ୍ୱର ଫେରିଲେ ବାବୁସାନ୍

ଆଗୁଆ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ବାବୁସାନ୍ -ପ୍ରକୃତି-ତୃପ୍ତି ବିବାଦ ଘନେଇବା ପରେ ସମସ୍ତଙ୍କ ନଜର ଥିଲା ବାବୁସାନ୍ କେବେ ଫେରିବେ । ଘଟଣାର ୪ ଦିନ ପରେ ବାବୁସାନ୍ ବୁଧବାର ସକାଳେ ଭୁବନେଶ୍ୱର ଫେରିଛନ୍ତି । ସକାଳ ପ୍ରାୟ ସାଢେ ୮ଟାରେ ଚେନ୍ନାଇରୁ ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଂଚି ସେଠାରୁ ସେ ସିଧାସଳଖ ଜଗନ୍ନାଥ ବିହାରସ୍ଥିତ ନିଜ ବାପାମା'ଙ୍କ ପାଖକୁ ଯାଇଛନ୍ତି । ସେହିପରି ଓଲିଉଡ ଅଭିନେତା ବାବୁସାନ୍ ମହାନ୍ତି ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାବୁସାନଙ୍କ ବିରୋଧରେ ନିର୍ଯାତନା ଓ ଧମକ ଦେବା ନେଇ ପତ୍ନୀ ତୃପ୍ତି ଅଭିଯୋଗ କରିଥିଲେ । ପୋଲିସ ନିକଟରେ ତୃପ୍ତି ନିର୍ଦ୍ଦିଷ୍ଟ ଭାବେ ବାବୁସାନ ଓ ପ୍ରକୃତି ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ । ପୋଲିସ ତୃପ୍ତିଙ୍କ ଏତଲା ଆଧାରରେ ଆଇପିସିର ଦଫା ୪୯୮-କ ଓ ୫୦୬ରେ ମାମଲା ରୁଜୁ କରିଥିଲା । ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ବାବୁସାନ ହାଇକୋର୍ଟରେ ଆବେଦନ କରିଛନ୍ତି । ବାବୁସାନଙ୍କ ତରଫରୁ ଆଇନଜୀବୀ ଆକାଶ ଭୂୟାଁ ମାମଲା ପରିଚାଳନା କରୁଛନ୍ତି । ସୂଚନା ଅନୁସାରେ ଗତ ୨୩ ତାରିଖ ଦିନ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ବାବୁସାନ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କୁ ମାରିବା ସହ ପ୍ରକୃତିଙ୍କୁ ଟଣାଓଟରା କରିଥିଲେ । ଏହି ଘଟଣାରେ ପ୍ରକୃତି ମିଶ୍ରଙ୍କ ବାପା ମନ୍ମଥ ମିଶ୍ର ତୃପ୍ତି ଶତପଥୀ ଓ ତାଙ୍କ ବାପାଙ୍କ ନାମରେ ଥାନାରେ ଏତଲା ଦେଲା ପରେ ତୃପ୍ତି ମଧ୍ୟ ଭୁବନେଶ୍ୱରସ୍ଥିତ ଖାରବେଳ ନଗର ଥାନାରେ ପ୍ରକୃତିଙ୍କ ବିରୋଧରେ ଏତଲା ଦେଇଥିଲେ । ଘଟଣା ପରେ ଉଭୟ ବାବୁସାନ୍ ଓ ପ୍ରକୃତି ଚେନ୍ନାଇ ଚାଲି ଯାଇଥିଲେ । ଗତକାଲି ପ୍ରକୃତି ଫେରିବା ପରେ ଖାରବେଳ ନଗର ପୋଲିସ୍ ତାଙ୍କୁ ଜେରା କରିଥିଲା ।

ରାଜ୍ୟରେ ୩ କୋଟିରୁ ଅଧିକ ରାସନ କାର୍ଡ ହିତାଧିକାରୀ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନୁସାରେ ରାଜ୍ୟର ମୋଟ ୩,୩୩,୨୭,୨୫୫ ହିତାଧିକାରୀ ଉପକୃତ ହେଉଛନ୍ତି । ଚଳିତ ବର୍ଷ ଏହି ବ୍ୟବସ୍ଥାରେ ୧,୪୯,୩୫୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଜଣାଇଛନ୍ତି । ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନର ଲିଖିତ ଉତର ଦେଇ ମନ୍ତ୍ରୀ କହିଛନ୍ତି ସାଧାରଣ ବଂଟନ ବ୍ୟବସ୍ଥାରେ ସାମିଲ ହେବା ପାଇଁ ବର୍ତମାନ ୧,୪୦,୫୪୭ ଟି ଆବେଦନ ପତ୍ର ବିଚାରଧୀନ ଅଛି । ଏଗୁଡିକର ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ଆବେଦନକାରୀଙ୍କୁ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସରିଲା ଜେରା : ୧୨ ଘଣ୍ଟାରେ ଦେଲେ ପ୍ରାୟ ୧୦୦ ପ୍ରଶ୍ନର ଉତ୍ତର

ନୂଆଦିଲ୍ଲୀ, ୨୭/୦୭ : ନ୍ୟାଶନାଲ ହେରାଲ୍ଡ ମାମଲାରେ ଫସିଥିବା କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳ(ଇଡି) ପ୍ରାୟ ୩ ଘଣ୍ଟାର ଜେରା ପରେ ଛାଡ଼ିଛି । ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଇଡି ଜେରାରର ସମ୍ମୁଖୀନ ହୋଇଛନ୍ତି ସୋନିଆ । ମଙ୍ଗଳବାର ତାଙ୍କୁ ଦୁଇଟି ପର୍ଯ୍ୟାୟରେ ୬ ଘଣ୍ଟା ଜେରା କରାଯାଇଥିଲା । ଏହାପୂର୍ବରୁ ଜୁଲାଇ ୨୧ରେ ମଧ୍ୟ ସୋନିଆଙ୍କୁ ପ୍ରାୟ ୩ ଘଣ୍ଟା ଧରି ପଚରାଉଚରା କରାଯାଇଥିଲା । ୩ ଦିନ ମଧ୍ୟରେ ସୋନିଆଙ୍କୁ ଇଡି ପ୍ରାୟ ୧୨ ଘଣ୍ଟା ଜେରା କରିଛି । ଏହି ସମୟରେ ତାଙ୍କୁ ତଦନ୍ତକାରୀ ସଂସ୍ଥା ୧୦୦ଟି ପ୍ରଶ୍ନ ପଚାରିଥିବା ଜଣାପଡ଼ିଛି । ସୋନିଆ ମଧ୍ୟ ସବୁ ପ୍ରଶ୍ନର ଉତ୍ତର ଚଟାପଟ ଦେଇଛନ୍ତି । ଏବେ ଇଡି ପକ୍ଷରୁ ତାଙ୍କୁ ଜେରା ପାଇଁ ଆଉ କୌଣସି ନୂଆ ସମନ କରାଯାଇନି । ସୋନିଆଙ୍କ ପୂର୍ବରୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ତାଙ୍କ ପୁଅ ରାହୁଲ ଗାନ୍ଧିଙ୍କୁ ୫ ଦିନ କାଳ ଜେରା କରାଯାଇଥିଲା । ଏହି ସମୟରେ ସେ ୧୫୦ଟି ପ୍ରଶ୍ନର ଉତ୍ତର ଦେଇଥିଲେ । ନ୍ୟାଶନାଲ ହେରେଲ୍ଡ ଖବରକାଗଜ ଓ ୟଙ୍ଗ ଇଣ୍ଡିଆନ ପ୍ରାଇଭେଟ ଲିଃରେ ରାହୁଲ ଗାନ୍ଧିଙ୍କ ଭଳି ସୋନିଆଙ୍କ ଭୂମିକା କ'ଣ ରହିଥିଲା, ସେକଥା ଜାଣିବାକୁ ଇଡି ପ୍ରୟାସ କରିଛି । ରାହୁଲ ଓ ସୋନିଆ ୟଙ୍ଗ ଇଣ୍ଡିଆନର ସିଂହ ଭାଗ ଅଂଶଧନ ନିଜ ପାଖରେ ରଖିଥିଲେ । ତେଣୁ ରାହୁଲ ଓ ସୋନିଆଙ୍କ ବୟାନ ମେଳ ଖାଉଛି କି ନାହିଁ, ତା' ଉପରେ ଇଡିର ଅଧିକାରୀମାନେ ଫୋକସ କରିଛନ୍ତି । ନ୍ୟାଶନାଲ ହେରାଲ୍ଡ ପରିଚାଳିତ ହେଉଥିବା କମ୍ପାନୀ ଏଜେଏଲକୁ ୟଙ୍ଗ ଇଣ୍ଡିଆ ଟେକ ଓଭର କରିଥିଲା । ଏହି ସମୟରେ ବ୍ୟାପକ ହେରଫେର ହୋଇଥିବା କୁହାଯାଉଛି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏହି ଖବରକାଗଜକୁ ପ୍ରତିଷ୍ଠା କରିଥିଲେ । ▶▶ପୃଷ୍ଠା ୭

ଯୁକ୍ତ ୨ ରେଜଲ୍ଟ : ବିଜ୍ଞାନରେ ୯୪.୧୨%- ଓ ବାଣିଜ୍ୟରେ ୮୯.୨୦% ଛାତ୍ରଛାତ୍ରୀ ପାସ୍

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ +୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ଘୋଷଣା କରିଛନ୍ତି । ବିଜ୍ଞାନରେ ୯୪.୧୨% ଓ ବାଣିଜ୍ୟରେ ୮୯.୨୦% ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଛାତ୍ରଛାତ୍ରୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଡିଶା ରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ବା ସାମସ୍ ଇ ସ୍ପେସ୍ ୱେବସାଇଟ୍ ରେ ସେମାନଙ୍କ ରେଜଲ୍ଟ ଦେଖିପାରିବେ । ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ବିଜ୍ଞାନରେ ୭୬ ହଜାର ୬୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏଥିରୁ ୭୨,୧୦୬ ଜଣ ପିଲା ପାସ୍ କରିଛନ୍ତି । ବାଳକ ପାସ ହାର ୯୩.୮୦ ସହ ୪୫,୫୮୬ ହୋଇଥିଲା ବେଳେ ବାଳିକା ପାସ୍ ହାର ୯୪.୫୨ ପ୍ରତିଶତ ଅର୍ଥାତ ୩୨,୫୧୯ । ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୫୦,୧୫୭, ଦ୍ୱିତୀୟ ଶ୍ରେଣୀରେ ୧୪,୯୩୨ ଓ ତୃତୀୟରେ ୬୯୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ୧୧୨୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ୩୯୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଜଲ୍ଟ ଶତପ୍ରତିଶତ ହୋଇପାରିଛି । ଏଥର ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୯୯.୧୧ ପ୍ରତିଶତ ଏବଂ କନ୍ଧମାଳ ସର୍ବନିମ୍ନ ୭୬.୮୧ ପ୍ରତିଶତ ପିଲା ପାସ୍ କରିଛନ୍ତି । ସେହିପରି ଚଳିତବର୍ଷ ବାଣିଜ୍ୟରେ ୨୩, ୭୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ପାସ୍ କଲେ ୨୧, ୧୬୫ ଛାତ୍ରଛାତ୍ରୀ । ▶▶ପୃଷ୍ଠା ୭

ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ପ୍ରକାଶ ପାଇଛି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଫଳ । ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ତାଲିମ୍ ପରିଷଦ(ଏସ୍‌ସିଟିଇ ଆଣ୍ଡ୍ ଭିଟି) କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି । ଏଥିରେ୧୨ଟି ବୈଷୟିକ ଓ ବୃତିଗତ ପାଠ୍ୟକ୍ରମ ପାଇଁ ରେଜଲ୍ଟ ପ୍ରକାଶ ପାଇଛି । ଏମ୍‌ବିଏରେ ଶ୍ରଦ୍ଧାରବିନ୍ଦ ସାମନ୍ତରାୟ ଟପ୍ପର ହୋଇଥିବା ବେଳେ ଏମ୍‌ସିଏରେ ଈଶାନ୍ତ କୁମାର ନାୟକ ଓ ବି.ଫାର୍ମରେ ଅରୂପ ପଣ୍ଡା ଟପ୍ପର ହୋଇଛନ୍ତି । ସେହିପରି ଏମ୍. ଫାର୍ମରେ ସଚିନ ନାୟକ, ଏମ୍.ଆର୍କରେ ସୃଷ୍ଟି ନଙ୍ଗାଲିଆ ଟପ୍ପର ହୋଇଛନ୍ତି ।ଇଂଟିଗ୍ରେଟେଡ୍ ଏମବିଏରେ ସୃଷ୍ଟି ସମର୍ପିତା ବେରିହା ଟପ୍ପର ହୋଇଛନ୍ତି । ସେହିପରି ଏମ୍‌ଟେକ୍ ସିଭିଲ ଇଞ୍ଜିନିୟରିଂରେ ସଂଜୀବ ପ୍ରଧାନ ଟପ୍ପର ହୋଇଥିବା ବେଳେ ଏମ୍‌ଟେକ୍ ଇଲେକ୍ଟ୍ରିକାଲରେ ମିଥୁନ ଅଧିକାରୀ ଓ ମେକାନିକାଲରେ ରାଜନ ଶୁଭଙ୍କର ମହାପାତ୍ର ଟପ୍ପର ହୋଇଛନ୍ତି । କେମିକାଲ ଇଂଜିନିୟରିଂ ହରିୟାଲଇ ବେହେରା, ବାୟୋ ଟେକ୍ନୋଲୋଜିରେ ▶▶ପୃଷ୍ଠା ୭

ହନିଟ୍ରାପ ଜାଲରେ ଭାରତୀୟ ଯବାନ: ମିଛ ପ୍ରେମରେ ଫଶି ଗିରଫ ହେଲେ

ନୂଆଦିଲ୍ଲୀ, ୨୭/୦୭ : ପୁଣି ସାମ୍ନାକୁ ଆସିଲା ହନିଟ୍ରାପ ମାମଲା । ୨୫ ବର୍ଷର ଭାରତୀୟ ଯବାନଙ୍କୁ ନିଜ ମିଛ ପ୍ରେମ ଫାଶରେ ପକାଇ ଭାରତୀୟ ସେନାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଭିଡିଓ ସଂଗ୍ରହ କରୁଥିଲେ ଏହି ଦୁଇ ପାକିସ୍ତାନୀ ଯୁବତୀ । ଏମାନେ ନିଜକୁ ଉତ୍ତରପ୍ରଦେଶର ବାସିନ୍ଦା ବୋଲି ଦେଇଥିଲେ ପରିଚୟ । କେବଳ ସେତିକି ନୁହେଁ ଦୁଇଜଣ ସେନାରେ କାମ କରୁଥିବା ମଧ୍ୟ ଭାରତୀୟ ଯବାନଙ୍କ ନିକଟରେ ବିଶ୍ୱାସ ସୃଷ୍ଟି କରୁଥିଲେ । ଏଥିସହ ସେନା ପୋଷାକ ପିନ୍ଧି ଫଟୋ ଓ ଭିଡିଓ ପୋଷ୍ଟ ବି କରୁଥିଲେ । ସେପଟେ ସୁନ୍ଦରୀଙ୍କ ପ୍ରେମରେ ପାଗଳ ହୋଇ ଯବାନ ମଧ୍ୟ ସେମାନଙ୍କୁ ବିଶ୍ୱାସ କରିଥିଲେ ଓ ସେନାର ବହୁ ତଥ୍ୟ ସେମାନଙ୍କୁ ଦେଇଥିଲେ । ହନିଟ୍ରାପରେ ଫସି ସେନାର ବହୁ ଗୁରୁତ୍ୱପୂର୍ଣ୍ଣ ଗୋପନୀୟ ତଥ୍ୟ ଲିକ କରିଥିବା ଜଣାପଡିବା ପରେ ଗିରଫ ହୋଇଛନ୍ତି ଯବାନ ଶାନ୍ତିମୟ ରାଣା । କିଛି ଦିନ ପୂର୍ବରୁ ସୋସିଆଲ ମିଡିଆ ଦୁଇଜଣ ପାକିସ୍ତାନୀ ଝିଅ ଯବାନଙ୍କ ସହ ପ୍ରଥମେ ବନ୍ଧୁତା ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ ଜିଲ୍ଲା ଶିକ୍ଷାଧିକାରୀ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଭିଜିଲାନ୍ସ ଜାଲରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀ । ଚାକିରିରୁ ଅବସରର ୭ ଦିନ ଆଗରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଏହି ସରକାରୀ ବାବୁ । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବଦଳି ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି । ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସନ୍ତୋଷ କୁଣ୍ଡଙ୍କ ବଦଳି ନିମପୁରକୁ କରାଯାଇଥିଲା । ସେଠାରୁ ଡେରାବିଶି ବିଇଓଙ୍କ ଅଫିସକୁ କରାଇଦେବାକୁ କହି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ସଂଜୀବ କୁମାର ସିଂ । ସନ୍ତୋଷ ଏନେଇ ଭିଜିଲାନ୍ସକୁ ଜଣାଇ ଦେଇଥିଲେ । ଏବଂ ଯୋଜନା ଅନୁସାରେ ଆଜି ଲାଞ୍ଚ ଟଙ୍କା ଡିଇଓ ତାଙ୍କ ଭଡା ଘରେ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି । ଏହାପରେ ତାଙ୍କ ବାସଭବନ, ଶ୍ୱଶୁର ଘର ସମେତ ଏକକାଳୀନ ୪ଟି ସ୍ଥାନରେ ଛାପା ମାରିଛନ୍ତି ଭିଜିଲାନ୍ସ ଅଧିକାରୀ । ଜିଲ୍ଲାର କୌଣସି ସାମ୍ବାଦିକ ସ୍କୁଲ ଭିତରକୁ ଯାଇପାରିବେ ନାହିଁ ବୋଲି କିଛି ଦିନ ପୂର୍ବରୁ ନିର୍ଦ୍ଦେଶ ଜାରି କରିଥିଲେ ଏହି ଜିଲ୍ଲା ଶିକ୍ଷା ଅଧିକାରୀ ।

ରାଷ୍ଟ୍ରଭକ୍ତ ସଦାନନ୍ଦଜୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୬/୦୭ (ନି.ପ୍ର): ସମାଜସେବୀ ସଦାନନ୍ଦଜୀଙ୍କ ୧୨ତମ ଶ୍ରାଦ୍ଧ ବାର୍ଷିକୀ ଆଜି ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ସଦାନନ୍ଦଜୀ ଫାଉଣ୍ଡେସନର ସଭାପତି ଆଇନଜୀବୀ ତପନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅପରାହ୍ଣ ୪ ଘଟିବାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସମାଜସେବୀ ଭଗବାନ ମହାପାତ୍ର ଯୋଗ ଦେଇ ସଦାନନ୍ଦଜୀଙ୍କର ପ୍ରତିଭା ଏବଂ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସଦାନନ୍ଦଜୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ । ଉତ୍କଳ ଶିକ୍ଷା ପରିଷଦର ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇ ସଦାନନ୍ଦଜୀଙ୍କ ରାଷ୍ଟ୍ରବାଦ ଚିନ୍ତାଧାରା ଆଜି ମଧ୍ୟ ଯୁବପିଢ଼ୀକୁ ପ୍ରେରିତ କରୁଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ଲକ୍ଷ୍ମୀକାନ୍ତ ବେହେରା, ଯୋଗେନ୍ଦ୍ର ଆଚାର୍ଯ୍ୟ, ସୁବାଷ ଚନ୍ଦ୍ର ମାସନ୍ତ, ଦବାକର ପଣ୍ଡିତ, କମଳାକାନ୍ତ ଦାସ, କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଜ୍ଞାନରଞ୍ଜନ ମିଶ୍ର, ଜ୍ୟୋତି ପ୍ରକାଶ ଦାଶ, ଅନୀଲ ଦେ, ରତନ ସିଟ୍, ମାଧବ ଜେନା, ଶରତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷର

ମାଲକାନଗିରି ଜିଲ୍ଲାର ୫ ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଯିବ

ମାଲକାନଗିରି,୨୭/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ୫୭ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରାଯିବ । ଏଠାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ କଳା ବିଭାଗ ଖୋଲିବ । ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ଅନୁମତି ପ୍ରଦାନ କରିଛି । ଏହି ସ୍କୁଲ ପିଛା ଚଳିତ ଆର୍ଥିକ ବର୍ଷ(୨୦୨୨ - ୨୩) ରେ ୯୧ଲକ୍ଷ ୫ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ ହେବ ବୋଲି ନିଷ୍ପତି ହୋଇଛି । ଏହି ଅର୍ଥ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଖର୍ଚ୍ଚ ହେବ । ଏହାକୁ ନଜରରେ ରଖି ସ୍କୁଲ ଉନ୍ନତିକରଣ କରିବାକୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖସଚିବଙ୍କୁ ଜଣାଇଛନ୍ତି । ଏହି କ୍ରମରେ ମାଲକାନଗିରି ଜିଲ୍ଲାର ୫ ଟି ବିଦ୍ୟାଳୟ ରହିଛି । ଉଚ୍ଚ ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ ହେବାକୁ ଯାଉଥିବା ବିଦ୍ୟାଳୟ ଗୁଡିକ ହେଲା କୋରୁକୋଣ୍ଡା ହାଇସ୍କୁଲ, ଉରବାନପାଲ୍ଲୀ ଅପଗ୍ରେଡ଼ ହାଇସ୍କୁଲ, ମାଥିଲି ବ୍ଲକ ସାଲିମ ସରକାରୀ ହାଇସ୍କୁଲ, ମାଲକାନଗିରି ବ୍ଲକ ଅଂଳାପଦର ବାପୁଜୀ ହାଇସ୍କୁଲ ଓ ଏମପିଭି-୨୧ ନୋଡାଲ ହାଇସ୍କୁଲ। ଏହି ସବୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ଦଶମ ଶ୍ରେଣୀ ପରେ ଉଚ୍ଚଶିକ୍ଷା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସବୁ ବିଦ୍ୟାଳୟ ଗୁଡିକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଥିବାରୁ ଛାତ୍ର ଛାତ୍ରୀ, ଅଭିଭାବକ ଓ ଅଂଚଳ ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଫୁଲବାଣୀ ପ୍ରେସ୍ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ

କନ୍ଧମାଳ,୨୭/୦୭ (ନି.ପ୍ର): ଚଳିତ ୨୦୨୨ ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲ୍ଲାରେ ଶିକ୍ଷାବିଭାଗ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ପରିଚାଳିତ ଆଶ୍ରମ ସ୍କୁଲ ଗୁଡିକର ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ସଫଳତା ଅର୍ଜନ କରିଥିବ ଛାତ୍ରଛାତ୍ରୀ ତନୁଶ୍ରୀ ଆଚାର୍ଯ୍ୟ ୫୮୦ ନମ୍ବର ରଖି ଜିଲାରେ ପ୍ରଥମ, ଶ୍ରାବଣୀ ଦାଶ, ୫୭୮ ଦ୍ୱିତୀୟ ଓଁ ଅଙ୍କିତା ଭୋଇ ୫୭୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ୩ ଜଣ ଓ ମଙ୍ଗଳ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମୁଣ୍ଡାଗାଁ ସ୍କୁଲର ତଲିମା ପ୍ରଧାନ ୫୫୦, ଶିବାନୀ କହଁର ୫୪୬ ଓ ପାର୍ବତୀ ପାଣିଗ୍ରାହୀ ୫୪୨ ନମ୍ବର ରଖିଥିବା ତିନି ଜଣ ଏପରି ମୋଟ ୬ ଜଣଙ୍କୁ ମଙ୍ଗଳବାର ଫୁଲବାଣୀ ଠାରେ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ମାନପତ୍ର, ଫୁଲତୋଡ଼ା ସହ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବୟସକୁ ପଛରେ ପକାଇ ଷାଠିଏ ବର୍ଷ ବୟସରେ ମଧ୍ୟ ଶିକ୍ଷାକୁ ଗୁରୁତ୍ୱ ଦେଇ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ଲୁଇସିଂର ସରପଂଚ ସୁଦର୍ଶନ କହଁର ମଧ୍ୟ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବାରୁ ସେ ଦୁଇଜଣଙ୍କୁ ମଧ୍ୟ ପ୍ରେସ କ୍ଲବ ପକ୍ଷରୁ ମାନପତ୍ର ଉପଢୌକନ,ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଙ୍ଗଦ କହଁର ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିରୁପମା ଦୋରା, ଜିଲ୍ଲା ମଙ୍ଗଳ ଅଧିକାରୀ ସିମାଚଂଳ ବେହେରା, ବି.ଇ.ଓ. ରଞ୍ଜନ କହଁର, ବରିଷ୍ଠ ସାମ୍ବାଦିକ ଡ଼ଃ. ଅରୂପ ଜେନା, କାର୍ଯ୍ୟକାରି ସଭାପତି ଅଶୋକ ପରିଡ଼ା, ଉପସଭାପତି ସୁନୀଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ସେହିପରି ସମ୍ମାନ ପାଇବାକୁ ହେଲେ ଭଲ ପାଠ ପଢିବା ଜରୁରୀ। ପରିଶ୍ରମ କିଭଳି ଏକ ଉନ୍ନତ ରାସ୍ତାରେ ପହଂଚାଇ ଦିଏ ତା'ର ଉଦାହରଣ ଦେଇଥିଲେ ମୁଖ୍ୟଅତିଥି ବିଧାୟକ କହଁର । ସେହିପରି ବିଧାୟକ କହଁର ଶିକ୍ଷା ହେଉଛି ସାମଗ୍ରୀକ ବିକାଶର ମାର୍ଗ। ବର୍ତମାନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ମୁହାଁ କରାଇବାକୁ ସରକାର ଅନେକ ଯୋଜନା କରିଥିବା କହିଥିଲେ। ସେହିପରି ସ୍ୱାତୀସଂପାଦକ ଇଂ. ହରିଶଙ୍କର ରାଉତ ମଧ୍ୟ ଶିକ୍ଷାର ବିକାଶ ଦିଗରେ ଅଭିଭାବକ ମାନଙ୍କ ଗୁରୁଦାୟୀତ୍ୱ ରହିଥିବା କହିଥିଲେ। ସମ୍ପାଦକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଶୋକ ମହାନ୍ତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ, ବୁଦ୍ଧିଜୀବି, ଅଭିଭାବକ ମାନେ ଯୋଗ ଦେଇଥିଲେ।

ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

ଝାରସୁଗୁଡ଼ା ,୨୭/୦୭ (ନି.ପ୍ର): ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପାଞ୍ଚ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ।ଶ୍ରୀମତୀ ମିଞ୍ଜ ଓଡ଼ିଶା ସରକାରଙ୍କ ଫାଇଭ ଟି କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ କାର୍ଯ୍ୟକାରୀ କରିବାକୁ କହିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଦକ୍ଷତା ର ବିକାଶ ହେଲେ ଛାତ୍ର ଛାତ୍ରୀ ମାନେ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ ବୋଲି ମତ ପୋଷଣ କରିଥିଲେ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଙ୍ଗା ଓ ପ୍ରଦୀପ୍ତ କୁମାର ସା ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଡିଜିଟାଲ ଶିକ୍ଷାର ପ୍ରମୁଖ ଦିଗ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ସମଗ୍ର ଶିକ୍ଷା ର ଶୈକ୍ଷିକ ସଂଯୋଜକ ଜୟନ୍ତ କୁମାର ବାଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡେନିସ କୁମାର ବେହେରା , ଦିଲ୍ଲୀପ କୁମାର ମେହେର , ରାକେଶ କୁମାର ପାତ୍ର , ବିପିନ ପଣ୍ଡା ସହଯୋଗ କରିଥିଲେ । ସରବହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

ମରୁଡ଼ି ସହାୟତା ପ୍ରଦାନ ଦାବିରେ ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

ବଲାଙ୍ଗିର,୨୭/୦୭ (ନି.ପ୍ର): ଆଗଲପୁର ବ୍ଲକ ଅତି ମରୁଡ଼ି ପ୍ରବଣ ୭ଟି ପଚାଂୟତର ଚାଷୀମାନେ ବିଭିନ୍ନ ଦାବି ନେଇ ଆଜି ସକାଳୁ ୨୬ ନମ୍ବର ଜାତୀୟ ରାଜପଥର ରଫାଖାଲ ଠାରେ ଜାତୀୟ ରାଜପଥକୁ ଅବରୋଧ କରି ରଖିଥିବାରୁ ଏହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଦୁଇ ପଟରେ ଶହ ଶହ ସଂଖ୍ୟାରେ ଯାନବାହାନ ରାସ୍ତା ଉପରେ ଅଟକି ରହିଛି। ପୂର୍ବରୁ ଅନେକ ଥର ଜିଲ୍ଲା ପ୍ରଶାସନ ସମେତ ଭୁବନେଶ୍ୱର ଠାରେ ରାଜ୍ୟ କୃଷି ମନ୍ତ୍ରୀଙ୍କୁ ଚାଷୀମାନେ ଅଭିଯୋଗ ପତ୍ରରେ ସେମାନଙ୍କ ସମସ୍ୟା ଜଣାଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇପାରିନାହିଁ। ବ୍ଲକର ଝରଣୀପାଲି, ନୂନିଆପାଲି, ବଡଟିକା, ନଅଗାଁ (ଖ), ବେନଦ୍ରା , ସାଲେଭଟା ଓ ପଟୁଆପାଲି ପଚାଂୟତର ଚାଷୀମାନେ ଗତବର୍ଷ ମରୁଡି ଶିକାର ହୋଇ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ବୀମା ରାଶି ପାଇନାହାନ୍ତି ସେମାନଙ୍କୁ ଅବହେଳା କରାଯାଇଛି। ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ରାଜ୍ୟ କୃଷି ନିର୍ଦ୍ଦେଶକ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ରାସ୍ତା ଅବରୋଧ ହୋଇଛି।

ବିଜୁ ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର,୨୭/୦୭ (ନି.ପ୍ର): ବିଜୁ ଜନତା ଦଳ ୨୫ ତମ ପୂର୍ତି ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ନିର୍ଦ୍ଦେଶନାରେ ବିଧାୟକଙ୍କ ପ୍ରତିନିଧି ଗଣେଶ କୁମ୍ଭାରଙ୍କ ନେତୃତ୍ୱରେ ବେଲପଡା ବ୍ଲକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପଡା ବ୍ଲକ ଅଧକ୍ଷା ଟିନା କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୂଖ୍ୟ ଅତିଥି ଅଧକ୍ଷା ସୁଶ୍ରୀ କୁମ୍ଭାର ପ୍ରଥମେ ସରମୁହାଣ ହାଇସ୍କୁଲ ପରେ ନୁନହାଡ ହାଇସ୍କୁଲ ତାପରେ ବେଲପଡା ଶିଶୁ ମନ୍ଦିର ଯାଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏବଂ ସବୁଜ ବିପ୍ଳବର ବାର୍ତା ଯୋଗାଇଥିଲେ । ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ଦୁର୍ଯୋଧନ କୁମ୍ଭାର ଯୋଗଦାନ କରିଥିଲେ। ନୁନହାଡ ସରପଂଚ ବିଲାସୀନୀ ମେହେର, ସରମୁହାଣ ସରପଂଚଙ୍କ ସ୍ୱାମୀ ଗୋକୁଳ ନାଗ, ବିଜେଡି ନେତା ମୁନା ମେହେର, ଗଣେଶ ମେହେର, କୁନା ମହାଖୁଡ, ଗଣେଶ ଥାର୍ଟି, ପିତ ଗଡତ୍ୟା, ମାନସ ପାଢୀ, କଳା କାହ୍ନୁ ମେହେର, ଅନନ୍ତ ପାଣିଗ୍ରାହୀ, ରବିନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ବିଭିନ୍ନ ଅନୁଷ୍ଠାନ ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ

ଜୟପୁର,୨୭/୦୭ (ନି.ପ୍ର): ଜୟପୁରରେ ବିଭିନ୍ନ ଅନୁଷ୍ଠାନ ତରଫରୁ କାର୍ଗିଲ ବିଜୟ ଦିବସ ପାଳନ ହୋଇଛି । ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ ପାଳନ ରେ ବିଦ୍ୟାଳୟର ଏନସିସି ଛାତ୍ରୀ ଙ୍କ ସହ ଅନ୍ୟ ଛାତ୍ରୀ ମାନେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅରବିନ୍ଦ ଚରଣ ମହାପାତ୍ର ଓ ଏନସିସି ଶିକ୍ଷୟତ୍ରୀ ଏନ.ବି ଭାଷ୍କର ଆମ୍ମା ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇଥିଲେ । ଏହି ଅବସରରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସେହିପରି ଜୟପୁର ବିକ୍ରମ ଦେବ କଲେଜରେ ମଧ୍ୟ କାର୍ଗିଲ ବିଜୟ ଦିବସ ପାଳନ ହୋଇଛି । ଏହି ଅବସରରେ କଲେଜର ଏନସିସି ଛାତ୍ର ଓ ଅନ୍ୟ ଛାତ୍ରୀ ମାନେ ୨୩ତମ ସହରରେ ଏକ ସ୍ମୃତି ଶୋଭାଯାତ୍ରା ବାହାରିଥିଲା । କଲେଜରେ ଏକ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଥିଲା । କଲେଜ ଅଧକ୍ଷ ଗୋପାଳ ହାଲଦାର, ଏନସିସି ଶିକ୍ଷକ ଲକ୍ଷ୍ମଣ ପାତ୍ର, ଏମଡି ସରିଫ, ନିଶାନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜୟପୁର,୨୭/୦୭ (ନି.ପ୍ର): ଜୟପୁର ପୌର ପରିଷଦ ଅଧିନସ୍ଥ ସମସ୍ତ ସଫେଇ କର୍ମଚାରୀଙ୍କ ପାଇଁ ଜୟପୁର ଟାଉନ ହଲ ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଜଗଧାତ୍ରୀପୁର ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ର ଓ ଏଲଆର କୁମ୍ଭାରସାହି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ମିଳିତ ଭାବେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ଚାପ, ରକ୍ତ ପରୀକ୍ଷା ଆଦି କରାଯାଇଥିଲା । ଶିବିରରେ ମୋଟ୧୮୦ ଜଣ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷାଙ୍କ ବିଭିନ୍ନ ଆବାସିକ ବିଦ୍ୟାଳୟ ଗସ୍ତ

ମାଲକାନଗିରି,୨୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲୁ ବିଭିନ୍ନ ଆବାସିକ ବିଦ୍ୟାଳୟ ଗସ୍ତ କରି ସେଠାରେ ସମୀକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀମତୀ ତାଙ୍ଗୁଲୁ ମାଲକାନଗିରି ବ୍ଲକର ମାଟାପକା ବିଦ୍ୟାଳୟ, କତାମାଟେରୁ ଆବାସିକ ବିଦ୍ୟାଳୟ, ତଣ୍ଡକି ଆବାସିକ ବିଦ୍ୟାଳୟ, ଚାଲାଣଗୁଡା ଓ ଟିଟିବିରୀ ଆଶ୍ରମ ବିଦ୍ୟାଳୟ, ଗୋରାଖୁଣ୍ଟା ଆବାସିକ ବିଦ୍ୟାଳୟ ଗସ୍ତ କରି ସେଠାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ । ବିଶେଷକରି ବିଦ୍ୟାଳୟର ଅନେକ ଶ୍ରେଣୀ ଗୃହ ନଷ୍ଟ ହୋଇଯାଇଥିବା ସହ ଛାତରୁ ପାଣି ଗଳିବା, ପିଲାଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ନଥିବା ସହ ଉପଯୁକ୍ତ ପରିବେଶ ନଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଏହାର ସମାଧାନ ପାଇଁ ପିଏ ଆଇଟିଡିଏ ତ୍ରିନାଥ ମାଝୀ ଏବଂ ବ୍ଲକ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ତେବେ ଏହି ସମସ୍ୟା ଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହାର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ପିଏ ଆଇଟିଡିଏ ତ୍ରିନାଥ ମାଝୀ ପ୍ରକାଶ କରିଥିଲେ । ଏହି ଗସ୍ତ ସମୟରେ ମାଲକାନଗିରି ବ୍ଲକ ଜୋନ ୨ ଜିଲ୍ଲାପରିସଦ ସଦସ୍ୟ ମୁକା ମାଡକାମୀ, ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡିଆମୀ, ଚାଲଣଗୁଡା ସରପଂଚ ଅରକ୍ଷିତ ନାୟକ, ଜୋନ ସଭାପତି ସୁବାସ ବାନାର୍ଜୀ, ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ସମିତି ସଭ୍ୟ ଆନନ୍ଦ ମାଲାକାର, ନିବାସ ମଣ୍ଡଳ, ଗାନ୍ଧୀ ପଣ୍ଡା, ମନୋଜ କବାସି, ତଣ୍ଡକି ସରପଂଚ ବାବୁଲା ପଡ଼ିଆମି ପ୍ରମୁଖ ଉପସ୍ଥିତ ଥିଲେ।

ସୋନପୁର ପୁଲିସ ପକ୍ଷରୁ ସଚେତନତା ଶୋଭାଯାତ୍ରା

ସୋନପୁର,୨୭/୦୭ (ନି.ପ୍ର): ସଦର ଓ ଟାଉନ ଥାନା ପକ୍ଷରୁ ଆଜି ଏକ ରକ୍ତଦାନ ସଚେତନତା ସାଇକେଲ ଶୋଭାଯାତ୍ରା ମା ସୁରେଶ୍ୱରୀଙ୍କ ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିଛି। ପୋଲିସ ଓ ଜନସାଧାରଣଙ୍କ ଭିତରେ ସୁସଂପର୍କ ପ୍ରତିଷ୍ଠା କରିବା ସହିତ ନିୟମ କାନୁନ ମାନି ଚଳିବା ଓ ସମାଜ ପ୍ରତି ନିଜର ଦାୟୀତ୍ୱ କର୍ତବ୍ୟ କରିବା ଦିଗରେ ପୋଲିସ ଏ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆସନ୍ତା କାଲି ସଦର ଟାଉନ ଥାନା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ମେଗା ରକ୍ତଦାନ ଶିବିରରେ ସମସ୍ତ ଜନସାଧାରଣ ଓ ସ୍ୱେଚ୍ଛାସେବୀ ସଂଗଠନ ରକ୍ତଦାନ କରିବାକୁ ପୋଲିସ ଜନସାଧାରଣଙ୍କୁ ଆହ୍ୱାନ କରିଛି। ପ୍ରାୟ ୨୦୦ ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଛି। ସେହିପରି ସଡକ ସୁରକ୍ଷା ନିୟମ ପାଳନ କରିବା, ଟ୍ରାଫିକ ନିୟମ ମାନି ଚଳିବା, ପରିବେଶ ସୁରକ୍ଷା, ନିଶା ନିବାରଣ ତଥା ଧନଜୀବନର ସୁରକ୍ଷା ପାଇଁ ପୋଲିସକୁ ସହଯୋଗ କରିବା ଆଦି ସାମାଜିକ ବିଷୟ ବସ୍ତୁକୁ ନେଇ ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଇଛି। ଶୋଭାଯାତ୍ରା ବେଳେ ବଡ଼ ବଜାର ଦୁର୍ଗା ମଣ୍ଡପ, ଅନ୍ତରମ ମଣ୍ଡପ, ବ୍ୟବସାୟୀ ସଂଘ, ସୋନପୁର କଲେଜ ୯୪ ବେଚ, ଟି ପି ଡବ୍ଲୁ ଓ ଡି ଏଲ ବିଦ୍ୟୁତ କର୍ମଚାରୀ ସଂଘ ପ୍ରମୁଖ ବିଭିନ୍ନ ସଂଗଠନର କର୍ମକର୍ତା ଓ ସହରର ଅନେକ ଯୁବକଙ୍କୁ ଭେଟି ରକ୍ତଦାନ ପାଇଁ ପୋଲିସ ପକ୍ଷରୁ ଅନୁରୋଧ ଓ ଆହ୍ୱାନ କରାଯାଇଛି। ସୋନପୁର ଭାରପ୍ରାପ୍ତ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଓ ରକ୍ତ ଦାତା ସଂଘ କୋଡିନେଟର ମନୋଜ ପଣ୍ଡା, ସ୍ୱଚ୍ଛ ଭାରତ କୋଡିନେଟର ମନୋରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଆଜିର ଏହି ଶୋଭାଯାତ୍ରାରେ ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର କଲେଜ ଏନସିସି, ଇନଫିନିଟି କ୍ଲବ, ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ସଂଘ ଓ ପୋଲିସ କର୍ମଚାରୀ ମାନେ ସାମିଲ ହୋଇଥିଲେ।

ନୂଆପଡା ସାରାବଙ୍ଗଠାରେ ବିଜୁଳି ମହୋତ୍ସବ ପାଳିତ

ନୂଆପଡ଼ା,୨୭/୦୭ (ନି.ପ୍ର): ନୂଆପଡା ଜିଲ୍ଲା ସଦର ବ୍ଲକ ସାରାବଙ୍ଗ ଗ୍ରାମପଂଚୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସର ମଧ୍ୟରେ ବିଜୁଳି ମହୋତ୍ସବ ପାଳିତ ହୋଇଯାଇଛି। ଉଜ୍ଜଳ ଭାରତ ଉଜ୍ଜଳ ଭବିଷ୍ୟତ, ପାୱାର-୨୦୪୭ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଜୁଳି ମନୁଷ୍ୟ ଜୀବନ ପାଇଁ ଆବଶ୍ୟକତା ତାର ସୁରକ୍ଷା ଏବଂ ବିଦ୍ୟୁତ ସମସ୍ତ ଗ୍ରାମକୁ ପହଂଚି ଅଛି ବୋଲି ଅତିଥିମାନେ ମତପୋଷଣ କରିଛନ୍ତି। ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟ ପକ୍ଷରୁ ଆଜାଦି କି ଅମୃତ ମହୋତ

ଏପରି ସଜାନ୍ତୁ କିଚେନ୍

ଘର ସଜାଇଲା ବେଳେ ଆମେ ସାଧାରଣତଃ ରୋଷେଇ ଘର କଥା ପାଶୋରି ଦେଇଥାଉ । ତେଣୁ ଅନେକ ଲୋକଙ୍କ ଘର ଭିତରର ସାଜସଜ୍ଜା ଖୁବ୍ ସୁନ୍ଦର ହୋଇଥିଲେ ବି ରୋଷେଇ ଘର ନିଷ୍ପ୍ରାଣ ଲାଗେ । ତେବେ ଛୋଟ ଛୋଟ ଉପାୟ ଆପଣେଇଲେ ଆପଣଙ୍କ ରୋଷେଇ ଘର ସୁନ୍ଦର ଲାଗିବ ।

ଲାଇଟ:-

ଅନେକଙ୍କ ରୋଷେଇ ଘରେ ପର୍ଯ୍ୟାପ୍ତ ଲାଇଟ୍ ବ୍ୟବସ୍ଥା ନଥାଏ । ପ୍ରାକୃତିକ ଓ କୃତ୍ରିମ ଭାବେ ଯେମିତି ଆପଣଙ୍କ ରୋଷେଇ ଘର ଆଲୋକିତ ହୋଇପାରୁଥାଏ ସେଥିପ୍ରତି ପ୍ରଥମେ ନଜର ଦେବେ । ରୋଷେଇ ଘରର ଝରକା ପାଖରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ସୂର୍ଯ୍ୟାଲୋକ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବ । ଯଦି ସମ୍ଭବ ରୋଷେଇ ଘରର ଝରକା ପାଖରେ ଆଲୋଭେରା ବା ଲକି ବାମ୍ବୁ ଲାଗିଥିବା କୁଣ୍ଡ ରଖିପାରିବେ । ରୋଷେଇ ଘରେ ସୁନ୍ଦର ଲାଇଟ୍ ଲଗାଇ ପାରିବେ ।

ଫ୍ରୁଟ୍ ବାଉଲ୍:-

କିଚେନ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିଚେନ୍ କାଉଣ୍ଟରରେ ଆକର୍ଷଣୀୟ ଫ୍ରୁଟ୍ ବାଉଲ୍ ରଖିପାରିବେ । ସେଥିରେ ଋତୁକାଳୀନ ଫଳ ରଖିଲେ ତାହା ଦୃଷ୍ଟି ଆକର୍ଷଣ କରିବ । ଆପଣଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

ଗଛ: କିଚେନ କାଉଣ୍ଟର କିମ୍ବା ଝରକା ପାଖରେ ରଙ୍ଗ ବେରଙ୍ଗୀ କୁଣ୍ଡରେ ଛୋଟ ଛୋଟ ଗଛ ଆପଣଙ୍କ ରୋଷେଇ ଘରକୁ ସୁନ୍ଦର ଓ ସତେଜ କରିବ । ଇଚ୍ଛା ହେଲେ ରୋଷେଇରେ ଦରକାର । ହେଉଥିବା ଗୁଳ୍ମ ଏହି କୁଣ୍ଡରେ ଲଗାଇ ପାରିବେ ।

ସ୍ମାର୍ଟ ଷ୍ଟୋରେଜ୍:-

ରୋଷେଇରେ ବ୍ୟବହୃତ ଜିନିଷ ରଖିବା ପାଇଁ ଅନେକ କ୍ୟାବିନେଟ୍ ବ୍ୟବସ୍ଥା କରିଥାଆନ୍ତି । କିନ୍ତୁ ଚାମଚ, ଛୁରି, ଛୋଟ ମସଲା ଡବା ଆଦି ଏଣେ ତେଣେ ରଖିଦିଅନ୍ତି । ଏପରି କଲେ ରୋଷେଇ ଘର ଅସନା ହେବା ସହ ଅସୁନ୍ଦର ଲାଗିଥାଏ । ଛୁରି, ଚାମଚ ରଖିବା ପାଇଁ ଆଜିକାଲି ଖୁବ୍ ସୁନ୍ଦର ନାଇଫ୍ ହୋଲ୍ଡର ମିଳୁଛି ।

ଆର୍ଟ ପିସ୍:-

ଆପଣଙ୍କ ରୋଷେଇ ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କାନ୍ଥରେ ଆର୍ଟ ପିସ୍ ଲଗାଇ ପାରିବେ । କମଳା, ସବୁଜ, ହଳଦିଆ, ଗୋଲାପି ରଙ୍ଗର ଆର୍ଟ ପିସ୍ ଆପଣଙ୍କ କିଚେନ୍‌କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍ ।

ଲେମ୍ବୁ

ଲେମ୍ବୁ ଏକ ଖଟା ଫଳ । ବିଭିନ୍ନ ପ୍ରକାରର ଲେମ୍ବୁ ରହିଛି । ବିଶେଷକରି ଦୁଇ ପ୍ରକାରର ଲେମ୍ବୁ ଦେଖିବାକୁ ମିଳେ । କାଗେଜି ଓ କମଳା ଲେମ୍ବୁ । ଲେମ୍ବୁରେ ବିଭିନ୍ନ ପ୍ରକାର ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିସହିତ ତ୍ୱଚା ଓ କେଶ ପାଇଁ ମଧ୍ୟ ଲେମ୍ବୁକୁ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଆମର କେଉଁ ସବ କାମରେ ବ୍ୟବହାର କରାଯାଇଥାଏ ।

- ଲେମ୍ବୁ ରସରେ ଭିଟାମିନ୍ ସି' ସ୍ରୋତ ପ୍ରଚୁର ମାତ୍ରାରେ ରହିବା ସହିତ ପୋଟାସିୟମ, କ୍ୟାଲସିୟମ୍, ଫାଇବର, ଫସଫସ, ମ୍ୟାଗ୍ନେସିୟମ, ଭିଟାମିନ୍ ସି', ଆଇରନ୍, ଭିଟାମିନ୍-ଏ, ପ୍ରୋଟିନ ଓ କାର୍ବୋହାଇଡ୍ରେଟ ଆଦି ରହିଛି ।
- ଖାଲି ପେଟରେ ସକାଳୁ ଲେମ୍ବୁ ପାଣି ପିଇବା ଫଳରେ ପେଟ କମିଯିବା ସହିତ ଶରୀରକୁ ଏନର୍ଜୀ ମିଳିଥାଏ ।
- ଲେମ୍ବୁ କେବଳ ସ୍ୱାସ୍ଥ୍ୟ କିମ୍ବା ତ୍ୱଚା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ, ଏହାର ଆଚାର ପାଟିକୁ ଖୁବ୍ ସୁଆଦ ଲାଗିଥାଏ ।
- ବିଭିନ୍ନ ଖାଦ୍ୟ ପଦାର୍ଥରେ ଯଥା- ସିଝା ବୁଟ, ଚାର୍ଟ, ଗୁପ୍‌ଚୁପ୍ ଆଦି ପାଟି ସୁଆଦିଆ ଖାଦ୍ୟରେର ଲେମ୍ବୁର ଉପଯୋଗ କରାଯାଇଥାଏ ।
- ଖରାଦିନେ ଶରୀରରୁ ଜଳୀୟ ଅଂଶ ଅଭାବକୁ ପୂରଣ କରିବା ଲାଗି ଲେମ୍ବୁପାଣି ପିଇଥାନ୍ତି ।
- ଲେମ୍ବୁକୁ ସାବୁନ, ସାମ୍ପୋ, ବାସନ ମଜା ସାବୁନ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ ।
- ଘରର କୁନଜରରୁ ଦୂର କରିବା ଲାଗି ଲେମ୍ବୁ-ଲଙ୍କାର ମାଳ ଦ୍ୱାରମୁହଁରେ ଟଙ୍ଗାଯିବା ସହିତ ଯାନବାହନ ଆଦିରେ ଲେମ୍ବୁ ଓ ଲଙ୍କା ବନ୍ଧା ଯାଇଥାଏ ।
- ନୂଆ ଯାନବାହାନ କିଣି ଏହାକୁ ମନ୍ଦିରରେ ପୂଜା କରିବା ବେଳେ ଗାଡ଼ିର ଚକ ତଳେ ଲେମ୍ବୁକୁ ଚାପି ନକରାତ୍ମକ ପ୍ରଭାବରୁ ଦୂରେଇ ରଖାଯାଇଥାଏ ।
- ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ କାଚ ଗ୍ଲାସରେ ଲେମ୍ବୁ ରଖି ଏହାର ପାଣି ବଦଳାଇବା ଫଳରେ ଘରେ ସକରାତ୍ମକ ପ୍ରଭାବ ପଡ଼ିଥାଏ ।
- ତରଳଝାଡ଼ା ହେଉଥିଲେ ଲେମ୍ବୁ ଓ ଚିନି ଲୁଣ ପାଣି ପିଇବା ଫଳରେ ଶରୀରକୁ ଶକ୍ତି ମିଳିଥାଏ ।
- ଲେମନ ଟି' ପିଇବା ଫଳରେ ଫ୍ୟାଟ କମିଥାଏ ।

ମାସ୍କ ପିନ୍ଧାଇବ ମେଶିନ୍

ମହାମାରୀ କରୋନାରୁ ବର୍ତ୍ତିବା ଲାଗି ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ଜରୁରୀ ଆବଶ୍ୟକତା । ଏନେଇ ଏବେ ସମସ୍ତେ ପ୍ରାୟ ସଚେତନ ହେଲେଣି ଏବଂ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ମଧ୍ୟ ପିନ୍ଧୁଛନ୍ତି । ତେବେ କିଛି ଲୋକ ଏବେ ବି ମାସ୍କ ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି ଏବଂ ଅନେକେ ମାସ୍କ ପିନ୍ଧିବାକୁ ଭୁଲି ଯାଉଛନ୍ତି । ଏଭଳି ଲୋକଙ୍କୁ ଏବେ ମାସ୍କ ପିନ୍ଧାଇବ ଏକ ମେଶିନ୍ ।

ପୂର୍ବତନ ବାସ୍କେଟବଲ୍ ଖେଳାଳି ରେସ୍କ ଚାପମ୍ୟାନ୍ ସୋସିଆଲ୍ ମିଡିଆରେ ମାସ୍କ ପିନ୍ଧାଉଥିବା ମେଶିନ୍‌ର ଏକ ଭିଡିଓ ଶେୟାର କରିଛନ୍ତି । ଏହି ମେଶିନ୍‌ଟି ତା' ଆଗରେ ବସିଥିବା ଲୋକଙ୍କୁ ଜୋର କରି ଏକ ମାସ୍କ ପିନ୍ଧା ଦେବ । ଏହି ମେଶିନ୍‌ର ନାଁ ରହିଛି 'ଦି କେରେନେଟର' । ଏହି ମେଶିନ୍‌ରେ ପ୍ରଥମେ ଏକ ମାସ୍କ ଲଗାଇ ଦିଆଯାଇଥାଏ । ଆଉ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଏହି ମେଶିନ୍ ଆଗରେ ବସିବାକୁ ହିଁ ପଡ଼ିଥାଏ । ମେଶିନ୍ ଚଲାଇବାର କିଛି ସେକେଣ୍ଡ ମଧ୍ୟରେ ସେଥିରେ ଥିବା ମାସ୍କଟି ଖୁବ୍ ଜୋର୍‌ରେ ଉଡ଼ିଆସି ଆଗରେ ବସିଥିବା ବ୍ୟକ୍ତିଙ୍କ ମୁହଁରେ ଠିକ୍ ଭାବରେ ଆପେ ଆପେ ଲାଗିଯିବ । ମାସ୍କ ପିନ୍ଧାଇବାର ଏହି ମେଶିନ୍ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାର କାରଣ ହୋଇଛି । ତେବେ ଭିଡିଓରେ ମେଶିନ୍‌କୁ ଦେଖୁଥିବା ଲୋକେ ଏହାକୁ ମାସ୍କ ନ ପିନ୍ଧିଥିବା ଲୋକଙ୍କ ପାଇଁ ଏକ ଶକ୍ତ ଚାପୁଡ଼ା ବୋଲି ବର୍ଣ୍ଣନା କରିଛନ୍ତି । କାରଣ ମେଶିନ୍‌ରୁ ଏତେ ଜୋର୍‌ରେ ମାସ୍କଟି ବାହାରି ଆସେ ଯେ ହଠାତ୍ ବ୍ୟକ୍ତିଜଣକ ପ୍ରସ୍ତୁତ ନ ଥିଲେ ଚମକି ପଡ଼ିବ । ସେଥିପ୍ରତି ସୋସିଆଲ୍ ମିଡିଆରେ ପାଇଁ ଲୋକେ କ୍ୟାପ୍‌ସନ୍‌ରେ ଭିନ୍ନଭାବେ ପ୍ରତିକ୍ରିୟା ଦେଇଛନ୍ତି । ଅଧିକାଂଶ ଲୋକ ଏହାକୁ ନେଇ ମଜାଦାୟକ କମେଣ୍ଟ ଦେଇଛନ୍ତି ।



ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ

ଘଞ୍ଚ ଜଙ୍ଗଲ । ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ 'ଆତ୍ମହତ୍ୟା ଅରଣ୍ୟ' ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି । ଆତ୍ମହତ୍ୟା କରିବାର ମାନସିକତା ଦେଶ ଅନୁସାରେ ବଦଳିଥାଏ । ନିଜକୁ ଶେଷ କରିଦେବାର ମାନସିକତାକୁ କେଉଁଠି ଅପରାଧ ବୋଲି କୁହାଯାଉଥିବା ବେଳେ ଏହି ଧାରଣା ଅନ୍ୟ କେଉଁ ଦେଶରେ ନାହିଁ । ଜାପାନ ଏହି ଦ୍ୱିତୀୟ ପର୍ଯ୍ୟାୟର ଦେଶରେ ପଡ଼ିଥାଏ । କୁହାଯାଏ ଅତୀତରେ ଜାପାନ ସମୁରାଇମାନେ ଯୁଦ୍ଧରେ ପରାସ୍ତ ହେଉଥିଲେ ଆତ୍ମସମ୍ମାନ ଉଦ୍ଦେଶ୍ୟରେ ନିଜକୁ ଶେଷ କରିଦେଉଥିଲେ । ସେହି ପ୍ରଥାରୁ ଜାପାନରେ ଆତ୍ମହତ୍ୟା କରିବାର ମାନସିକତା ସୃଷ୍ଟି ହୋଇଛି ଯାହା କି ଏବେ ବି ଲୋକମାନଙ୍କ ମଧ୍ୟରେ ରହିଆସିଛି । ୨୦୦୮ ମସିହା ବିଶ୍ୱ ମାନ୍ଦାବସ୍ଥା ବେଳେ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ଜାପାନରୁ ସବୁଠୁ ଅଧିକ ଥିଲେ । ଆଉ ଜାପାନର ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଓକିଗାହାରା ଜଙ୍ଗଲରେ ହିଁ ଆତ୍ମହତ୍ୟା କରିଥିଲେ । ପ୍ରତିବର୍ଷ ଜାପାନରେ ମାର୍ଚ୍ଚମାସ ଚତୁର୍ଥ ସପ୍ତାହରେ ଅର୍ଥାତ୍ ଆର୍ଥିକ ବର୍ଷର ଶେଷ ବେଳକୁ ଆତ୍ମହତ୍ୟା ଘଟଣା ସବୁଠୁ ଅଧିକ ହୋଇଥାଏ । ସେହି ସମୟରେ ଅବସାଦପ୍ରାପ୍ତ ଲୋକ ଆଓକିଗାହାରା ଜଙ୍ଗଲକୁ ଛୁଟିଯାଆନ୍ତି । କିନ୍ତୁ କାହିଁକି ? ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି ଏହି ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଏଥିପାଇଁ ଦାୟୀ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହେଉଥିବା ଅବସାଦପ୍ରାପ୍ତ ମଣିଷମାନେ ଏହାକୁ ନିଜର ଶେଷ ଠିକଣା ବୋଲି ଧରିନିଅନ୍ତି । ସେଥିପାଇଁ ଅନ୍ୟ କେଉଁ ସ୍ଥାନ ପରିବର୍ତ୍ତେ ଏହି ଜଙ୍ଗଲରେ ହିଁ ଆତ୍ମହତ୍ୟା କରନ୍ତି ।

ମନସୁନ୍ ଫ୍ୟାଶନ୍

ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡ୍‌ରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।



ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:

ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

ସର୍ଟ ଆଉଟଫିଟ୍:

ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ଷ୍ଟ୍ରିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍ୟାପ୍ସ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

ସିଫନ୍ ଏବଂ ରେୟର:

ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡ୍‌ରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:

ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।



ଆରାମଦାୟକ ଏବଂ ଫ୍ୟାଶନେବଲ୍:

ବ୍ଲକ୍ ପ୍ରିଣ୍ଟ, ଭେଜିଟେବଲ୍ ଏବଂ କଟନ୍ ମିକ୍ସ ଲିନେନ୍ କ୍ୟାରି କରନ୍ତୁ । ଏହା ଆରାମଦାୟକ ଏବଂ ଫ୍ୟାଶନେବଲ୍ ହୋଇଥାଏ । ଫ୍ଲୋରାଲ ପ୍ରିଣ୍ଟ ମଧ୍ୟ ଭଲ ମାନିଥାଏ । ପିଙ୍କ୍, ପିସ୍ତା, ଗ୍ରୀନ୍, କୁଲ୍ ବ୍ଲୁ, ସି ଗ୍ରୀନ ରଙ୍ଗର ପୋଷାକ ପିନ୍ଧନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପଶ୍ଚିମବଙ୍ଗରେ ରାଜନୈତିକ ଦଳ...

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଘନିଷ୍ଠ ସହଯୋଗୀ ପାର୍ଥ ଚାଟାର୍ଜୀ ସକାଶେ ଅଡୁଆ ବଢ଼ିଯାଇଛି । ପାର୍ଥଙ୍କ ଘରେ ଚଢ଼ାଉ କରି ଶିକ୍ଷକ ନିଯୁକ୍ତି ସମ୍ପର୍କିତ କାଗଜପତ୍ର ଜବତ କରିବା ସହ ତାଙ୍କ ବାନ୍ଧବୀ ଅର୍ପିତାଙ୍କ ବାସଭବନରୁ ନଗଦ ଏକୋଇଶି କୋଟି ଜବତ କରାଯାଇଛି । ପାର୍ଥ ଚାଟାର୍ଜୀ ଗିରଫ ହେବା ପରେ ଭୁବନେଶ୍ୱର ଏମ୍‌ସ ହସପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପାଇଁ ନେବା ସମୟରେ ତାଙ୍କୁ 'ଚୋର.. ଚୋର...' ଧ୍ୱନି ସ୍ୱାଗତ କରିଥିଲା । ଏମ୍‌ସରେ ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାଗଲା ଯେ, ସେ ସେଭଳି କିଛି ଗୁରୁତର ବ୍ୟାଧିରେ ଆଦୌ ଆକ୍ରାନ୍ତ ନାହାଁନ୍ତି । ତାଙ୍କୁ ହସ୍ପିଟାଲ୍ କର୍ତ୍ତୃପକ୍ଷ କ୍ଲିନ୍ ଚିଟ୍ ଦେବା ପରେ ଏବେ କାରାଗାରର କଳା କୋଠରିକୁ ପଠାଇ ଦିଆଯାଇଛି । ପାର୍ଥ ପୂର୍ବରୁ ଶିକ୍ଷକ ନିଯୁକ୍ତି ମନ୍ତ୍ରୀ ଥିଲେ । ଜବତ ଏକୋଇଶି କୋଟି ସମ୍ପର୍କରେ ବାନ୍ଧବୀ ଅଭିନେତ୍ରୀ ଅର୍ପିତା କହୁଛନ୍ତି : ଏହା ମୋର ନୁହେଁ, ତାହା ପାର୍ଥଙ୍କର । କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ମମତା ମଧ୍ୟ ପାର୍ଥଙ୍କଠାରୁ ନିଜକୁ ଦୂରେଇ ନେଇଥିଲା ଭଳି ମନେ ହେଉଛି । ସେ ଏବେ କହିବାକୁ ପଛାଉ ନାହାଁନ୍ତି ଯେ, ମୁଁ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦିଏନାହିଁ । ପାର୍ଥଙ୍କର କଥିତ ଦୁର୍ନୀତି ସହ ତାଙ୍କର ସମ୍ପର୍କ ଥିବା କଥା ସଫା ସଫା ଅସ୍ୱୀକାର କରିଛନ୍ତି ମମତା । ତାଙ୍କ କ୍ୟାବିନେଟ୍‌ରେ ଘନିଷ୍ଠ ସହଯୋଗୀ ରହିଆସିଥିବା ମନ୍ତ୍ରୀଙ୍କର ତାହାର କଳା କାରନାମା ନେଇ ମମତା ଲେଶମାତ୍ର ଖବର ରଖିନଥିବା କଥାକୁ କେହି ସହଜ ମନରେ ଗ୍ରହଣ କରି ପାରୁନାହାଁନ୍ତି । ପାର୍ଥ ଚାଟାର୍ଜୀଙ୍କ ପୂର୍ବରୁ ମନି ଲଣ୍ଡରିଂ ମାମଲାରେ ଅନେକ ସହଯୋଗୀ ଜେଲଖାନାରେ ହାଓ୍ୱା ଖାଉଛନ୍ତି । ବର୍ତ୍ତମାନ ପାର୍ଥ ଚାଟାର୍ଜୀଙ୍କ ବେକରେ କୁରାଢ଼ି ଚୋଟ ପଡ଼ିବା ବେଳକୁ କିଭଳି ମମତା ନିଜକୁ ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ବୋଲି ଦାବି କରୁଛନ୍ତି, ତାହା ଅନେକଙ୍କୁ ବିସ୍ମିତ କରିଛି । ଜଣ ଜଣ କରି ମନ୍ତ୍ରୀ ଓ ସହଯୋଗୀଙ୍କୁ ପରାଭାବ ସ୍ୱୀକାର କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ରଖିଛନ୍ତି: ମୁଁ ବିଶ୍ୱାସ କରିପାରୁନି କି, ପାର୍ଥ ଦୁର୍ନୀତିରେ ଲିପ୍ତ ଥିବେ ବୋଲି । ସେ ଦୁର୍ନୀତିର ବିରୋଧୀ ଏବଂ କୌଣସି ଭାବରେ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦେବେ ନାହିଁ କହିଛନ୍ତି । ଯଦି ଅଭିଯୋଗ ପ୍ରମାଣିତ ହୁଏ ଦୋଷୀ ନିଶ୍ଚିତ ରୂପେ ଶାସ୍ତି ପାଇବ । ମାତ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ସିବିଆଇକୁ ତାଙ୍କ ସରକାର ଭାଙ୍ଗିବାକୁ ଯେମିତି ଲଗାଯାଉଛି, ତାହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଦୃଢ଼ତା ସହକାରେ କହିଛନ୍ତି ମମତା ବାନାର୍ଜୀ । ମନି ଲଣ୍ଡରିଂ ମାମଲାରେ କେତେଶହ କୋଟି ଆତ୍ମସାତ୍ କରାଯାଇଛି ତାହାର ହିସାବ ନାହିଁ । ଇଡି ଓ ସିବିଆଇ ପକ୍ଷରୁ ଖୋଳତାଡ଼ ଚାଲିଛି । ଆଗରୁ ଯେମିତି ଚାଲିଛି, ଆଗକୁ ସେମିତି କି' ଅଧିକ ତେଜର ସହ ଚାଲିବାର ସମ୍ଭାବନା ଦେଖାଯାଉଛି । ମମତା ତାଙ୍କ ସରକାରରେ ଅସ୍ଥିରତାର ଆରୋପ ଆଣୁଛନ୍ତି ସତ, ହେଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଖୋଳତାଡ଼ରେ ମିଳୁଥିବା କୋଟି କୋଟି କଳାଧନ କ'ଣ ମିଛ? ସେଭଳି ମିଛ କ'ଣ ଜବତ କଳାଧନର ପାହାଡ଼ପ୍ରାୟ ଧନ ରାଶି? ନିଜର ଭାବମୂର୍ତ୍ତି ସଚେତନ ମମତା ସହଯୋଗୀଙ୍କ ପାପକର୍ମ ନେଇ ଖାଲି କେନ୍ଦ୍ରର ଷଡ଼ଯନ୍ତ୍ର ବାହାନା ନେଲେ ଠିକ୍ ହୋଇନପାରେ । ଏକଥା ସତ୍ୟ ଯେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍‌ଙ୍କ ବିରୋଧରେ ଗୋଟିକ ପରେ ଗୋଟିଏ ତଦନ୍ତକାରୀ ସଂସ୍ଥାକୁ ଲଗାଇ ଗୃହ ମନ୍ତ୍ରଣାଳୟ ଯାବତୀୟ ନେଇ ନ୍ୟାୟିକ ପ୍ରାସଙ୍ଗିକତାର ବିଚାର ହେବାକୁ ଛାଡ଼ିଦେବା ଦରକାର । ତୁଚ୍ଛ ଅଭିଯୋଗ ଆଧାରରେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ସମାଜ ନଜରରେ ନୀଚ ବୋଲି ଦର୍ଶାଯାଇ ନପାରେ । ସେଥିପାଇଁ ରହିଛି ନ୍ୟାୟିକ ପ୍ରକ୍ରିୟା । ମାତ୍ର ତାହା ବୋଲି ସମ୍ପୃକ୍ତ ପକ୍ଷକୁ ଅଯଥା ହନ୍ତସନ୍ତ କରିବାର ଅଧିକାର ରାଷ୍ଟ୍ରଶକ୍ତି ହାତରେ ନାହିଁ । ବରଂ କ୍ଷମତାର ଦୁରୁପଯୋଗ ପାଇଁ ସଦା ଉନ୍ମୁଖ ଶକ୍ତିକୁ ଦିନେ ନା' ଦିନେ ବୁଣିଥିବା ଫସଲ କାଟିବାକୁ ପଡ଼ିପାରେ । ଏହି କ୍ରମରେ ମମତା ବାନାର୍ଜୀ ଓ ତାଙ୍କ ସମ୍ପର୍କୀୟମାନେ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି । ଦୁଇ ଦୁଇ ବାର କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ନିଜର ଭାବମୂର୍ତ୍ତି ଓ ମନ୍ତ୍ରିସଭାର ମର୍ଯ୍ୟାଦା ରକ୍ଷା ଉପରେ ଗୁରୁତ୍ୱ ରଖନ୍ତୁ । ମଧ୍ୟେ ମଧ୍ୟେ କେନ୍ଦ୍ରରେ କ୍ଷମତା ଦଖଲର ସ୍ୱପ୍ନ ଚିନ୍ତା ଆପାତତଃ ପରିହାର କଲେ ନିଜ ରାଜ୍ୟର ବିକାଶ ପାଇଁ ଶକ୍ତି ଓ ସମୟ ଦେବା ତାଙ୍କ ପାଇଁ ଅଧିକ ଶ୍ରେୟସ୍କର ପନ୍ଥା ସାବ୍ୟସ୍ତ ହେବ ବୋଲି ସମୀକ୍ଷକ ମହଲ ବିଚାର କରନ୍ତି ।

ରାଷ୍ଟ୍ରପତି ସାରା ଦେଶର ଗୌରବ

ଗୋପାଳ ମହାପାତ୍ର

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ପଦଭାର ଗ୍ରହଣ କରିଛନ୍ତି। ଦେଶର ଏହି ଦ୍ୱିତୀୟ ମହିଳା ରାଷ୍ଟ୍ରପତିଙ୍କ ନିର୍ବାଚନକୁ ନେଇ ଅନେକ ଚର୍ଚ୍ଚା ଚାଲିଥିଲା ଓ ଚାଲିଛି ମଧ୍ୟ। ବିଜେପି ତାଙ୍କୁ ଜଣେ ଆଦିବାସୀ ପ୍ରାର୍ଥୀ ରୂପରେ ଉପସ୍ଥାପନ କରିଥିଲା। କିନ୍ତୁ ମହାମହିମ ମୁର୍ମୁ ଯେ ପ୍ରଥମ ଆଦିବାସୀ ପ୍ରାର୍ଥୀ ଭାବେ ରାଷ୍ଟ୍ରପତି ନିର୍ବାଚନ ଲଢିଥିଲ ତା ନୁହେଁ ତାଙ୍କ ପୂର୍ବରୁ ପି ଏ ସାଙ୍ଗମା ଏବଂ ଆଲଫ୍ରେଡ୍ ସ୍ପେଲ ମଧ୍ୟ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇଥିଲେ। ସାଧାରଣ ଭାବରେ ରାଷ୍ଟ୍ରପତି ତାଙ୍କର ବ୍ୟକ୍ତିତ୍ୱ, ସମାଜ ପାଇଁ ତାଙ୍କର ଯୋଗଦାନ ଏବଂ ତାଙ୍କର ନିର୍ବିବାଦୀୟ ସେବା ପାଇଁ ପରିଚିତ ହୋଇଥାନ୍ତି। କେବେ ବି ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀଙ୍କୁ ଜାତି ଆଧାରରେ ଉପସ୍ଥାପନ କରାଯାଇନଥିଲା। ସେ ଦେଶର ସମ୍ବିଧାନର ରକ୍ଷକ ଭାବରେ ନିର୍ବାଚିତ ହୋଇଥାନ୍ତି। ଦେଶ ଓ ସବୁଜାତିର, ସବୁ ଧର୍ମର ଏବଂ ସବୁ ସମାଜର, ଏଣୁ ରାଷ୍ଟ୍ରପତି ଭାରତବର୍ଷର ସବୁ ନାଗରିକମାନଙ୍କ ପାଳକ ଅଟନ୍ତି। ଯଦି କୌଣସି ଦଳ ଏଭଳି ପଦବୀକୁ ଗୋଟିଏ ଜାତିର ସୀମା ମଧ୍ୟରେ ବାନ୍ଧି ରଖିବାକୁ ଚେଷ୍ଟା କରେ ତେବେ ଏହାକୁ କ'ଣ ରାଷ୍ଟ୍ରପତି ପଦର ମର୍ଯ୍ୟଦାହାନୀ ବୋଲି କୁହାଯିବ ନାହିଁକି?

କ'ଣ ବାବୁ ରାଜେନ୍ଦ୍ର ପ୍ରସାଦ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ବେଳେ କେହି କହିଥିଲେ ଯେ ସେ କାୟସ୍ଥ ଜାତିର ଥିବା ଯୋଗୁଁ ରାଷ୍ଟ୍ରପତି ହୋଇଥିଲେ? କ'ଣ କେ ଆର ନାରାୟଣନ୍ ଦଳିତ, ଏପିଜେ ଅବଦୁଲ କାଲାମ ସଂଖ୍ୟାଲଘୁ ଓ ପ୍ରଣବ ମୁଖାର୍ଜୀ ବ୍ରାହ୍ମଣ ଥିଲେ ବୋଲି ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ? ବୋଧହୁଏ ଉତ୍ତର ହେଉଛି ନାହିଁ। ଏମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିବିଶେଷ ଥିଲେ। ଦେଶପ୍ରତି ସେମାନଙ୍କର ସେବା ଉତ୍କୃଷ୍ଟ ଥିଲା। ସେଇ ଉତ୍କୃଷ୍ଟ ସେବା ପାଇଁ ଆମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମନେ ପକାଇବା ବା ମନେ ରଖିବା ନା ତାଙ୍କ ଜାତି ପାଇଁ? ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ କୌଣସି ବର୍ଗ (ଜାତି)ର ନୁହଁନ୍ତି ସାରା ଭାରତବର୍ଷର ଗର୍ବ ଓ ଗୌରବ। ଦେଶରେ ହୋଇଥିବା ପ୍ରତିଟି ରାଷ୍ଟ୍ରପତି ନିର୍ବାଚନ କୌଣସି ନା କୌଣସି କାରଣରୁ ଚର୍ଚ୍ଚିତ। ୧୯୬୯ରେ ରାଷ୍ଟ୍ରପତି ପଦବୀ ପାଇଁ ତ୍ରିକୋଣୀୟ ନିର୍ବାଚନ ହୋଇଥିଲା ଓ ସବୁଠାରୁ କମ୍ ଭୋଟରେ ଜିତିବାର ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ସମର୍ଥୀତ ନିର୍ଦ୍ଦଳୀୟ ପ୍ରାର୍ଥୀ ଭି ଭି ଗିରି ୪୮ ପ୍ରତିଶତ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ଭି ଭି ଗିରି ତାଙ୍କ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟତମ ପ୍ରାର୍ଥୀଙ୍କଠାରୁ ୯୦ ହଜାରରୁ ଅଧିକ ଭୋଟରେ ଜିତିଥିଲେ। ଭୋଟ ବେଶ୍ ମଜାଦାର ଥିଲା ଓ ଶ୍ରମିକ ନେତା ଭି ଭି ଗିରି ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ କେ ଆର ନାରାୟଣନ ଅଧିକ ଭୋଟରେ ଜିତି ମଧ୍ୟ ଚର୍ଚ୍ଚାରେ ଥିଲେ। କେ ଆର ନାରାୟଣନ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଟି ଏନ୍ ଶେଷାନଙ୍କ ଠାରୁ ୯ ଲକ୍ଷ ୫ ହଜାର ଅଧିକ ଭୋଟ ପାଇଥିଲେ। ଭୋଟର ହାରକୁ ଦେଖିଲେ ବାବୁ ରାଜେନ୍ଦ୍ର ପ୍ରସାଦ ହେଉଛନ୍ତି ଏକମାତ୍ର ରାଷ୍ଟ୍ରପତି ଯିଏ ସମୁଦାୟ ଭେରଟର ୯୯ ପ୍ରତିଶତ ଭୋଟ ପାଇଥିଲେ। ଦ୍ୱିତୀୟ ସ୍ଥାନରେ ଏସ୍ ରାଧାକୃଷ୍ଣନ। ତାଙ୍କୁ ସମୁଦାୟ ଭୋଟର ୯୮ ପ୍ରତିଶତ ଭୋଟ ମିଳିଥିଲା। କେ ଆର ନାରାୟଣନଙ୍କୁ ୯୫ ପ୍ରତିଶତ ଏବଂ ଏପିଜେ ଅବଦୁଲ କାଲାମଙ୍କୁ ରାଷ୍ଟ୍ରପତି ନିର୍ବାଚନର ସମୁଦାୟ ଭୋଟ ମଧ୍ୟରୁ ୯୦ ପ୍ରତିଶତ ଭୋଟ ମିଳିଥିଲା। ରାଷ୍ଟ୍ରପତି କୋବିନ୍ଦଙ୍କୁ ୬୬ ପ୍ରତିଶତ ଭୋଟ ମିଳିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୋବିନ୍ଦଙ୍କ ଠାରୁ ୨ ପ୍ରତିଶତ କମ୍ ମିଳିଛି। ଅର୍ଥାତ୍ ୬୪ ପ୍ରତିଶତ ଭୋଟ ପାଇଛନ୍ତି ମହାମହିମ ମୁର୍ମୁ। ବିରୋଧିଙ୍କ କ୍ରସ ଭୋଟିଂକୁ ନେଇ ସଦ୍ୟତମ ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ଚର୍ଚ୍ଚାରେ। ଏଥରର କ୍ରସ ଭୋଟିଂ ମଧ୍ୟ ନୂଆ ନୁହେଁ। ନିଜେ ଭାରତୀୟ ଜନତା ପାର୍ଟି, ଶିବସେନା ଏବଂ ଅନ୍ୟ ଦଳ ମଧ୍ୟ ପୂର୍ବରୁ କ୍ରସ ଭୋଟିଂ କରିଛନ୍ତି।

ଶ୍ରୀମତୀ ପ୍ରତିଭା ପାଟିଲଙ୍କୁ ଶିବସେନା ସମର୍ଥନ କରିଥିଲା। ଶିବସେନା ସେତେବେଳେ ଏନ୍‌ଡିଏ ମେଣ୍ଟରେ ଥାଇ ମଧ୍ୟ ମେଣ୍ଟର ସୀମା ଡେଇଁ ଶ୍ରୀମତୀ ପାଟିଲଙ୍କ ସପକ୍ଷରେ ଭୋଟ ଦେଇଥିଲା। ଶ୍ରୀମତି ପାଟିଲଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବିଜେପିର ପ୍ରମୁଖ ନେତା ଭୈରୋ ସିଂହ ଶେଖାୱତ। କିନ୍ତୁ ଏହା ସତ୍ତ୍ୱେ ଗୁଜୁରାଟର ୫ ଜଣ ବିଧାୟକ ଶ୍ରୀମତୀ ପାଟିଲଙ୍କ ସପକ୍ଷରେ କ୍ରସଭୋଟିଂ କରିଥିଲେ। ସେହିପରି ୨୦୧୨ରେ ଯେତେବେଳେ ପ୍ରଣବ ମୁଖାର୍ଜୀଙ୍କ ବିରୁଦ୍ଧରେ ପିଏ ସାଙ୍ଗମା ଏନ୍‌ଡିଏର ପ୍ରାର୍ଥୀ ହୋଇଥିଲେ ସେତେବେଳେ କର୍ଣ୍ଣାଟକର ୧୪ ବିଧାୟକ ପ୍ରଣବଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ। ୨୦୧୭ରେ ରାମନାଥ କୋବିନ୍ଦଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିଲେ ମୀରା କୁମାର। ନିର୍ବାଚନରେ ୟୁପିଏ ପ୍ରାର୍ଥୀ ମୀରା କୁମାରଙ୍କ ସପକ୍ଷରେ ଗୁଜୁରାଟର ଜଣେ, ଗୋଆର ୩ ଜଣ ଏବଂ ରାଜସ୍ଥାନର ୬ ଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ୨୦୦୨ରେ ଏପିଜେ ଅବଦୁଲ କାଲାମ ସର୍ବସମ୍ମତ ପ୍ରାର୍ଥୀ ଥିଲେ କିନ୍ତୁ ବାମପନ୍ଥୀ ଦଳମାନେ କ୍ରାନ୍ତିକାରୀ ମହିଳା ନେତ୍ରୀ ତଥା ଆଜାଦ ହିନ୍ଦ ଫୌଜର ମହିଳା କମାଣ୍ଡର ଲକ୍ଷ୍ମୀ ସହଗଲଙ୍କୁ ପ୍ରାର୍ଥୀ କରିଥିଲେ। ଏହି ନିର୍ବାଚନରେ ମଧ୍ୟ ପ୍ରଦେଶର ୧୧ଟି ଭୋଟ ନାକଚ୍ ହୋଇଥିଲା ଏବଂ ଦୁଇଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ଚଳିତ ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ କ୍ରସ ଭୋଟିଂ ହୋଇଛି। ଓଡ଼ିଶାର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କ୍ରସ ଭୋଟିଂ କରିଛନ୍ତି। ଯେହେତୁ ରାଷ୍ଟ୍ରପତି ନିର୍ବାଚନରେ କୌଣସି ଦଳ ହ୍ୱିପ୍ ଜାରି କରିପାରିବେ ନାହିଁ ସେହେତୁ କ୍ରସ ଭୋଟିଂ ମାମଲା ଦଳର ଅନୁଶାସନ ପରିସର ମଧ୍ୟରେ ଆସିନଥାଏ।

୧୯୭୭ର ନିର୍ବାଚନ ମଧ୍ୟ ଅନେକ ଭାବେ ଚର୍ଚ୍ଚିତ ଥିଲା। ଜାକିର ହୁସେନଙ୍କ ମୃତ୍ୟୁ କାରଣରୁ ରାଷ୍ଟ୍ରପତି ନିର୍ବାଚନ କରିବାକୁ ପଡିଥିଲା। ଏହା କିନ୍ତୁ ପୂର୍ଣ୍ଣକାଳୀନ ନିର୍ବାଚନ ନଥିଲା। କିନ୍ତୁ ଏହି ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ ହେବାକୁ ଥିବା ନିର୍ବାଚନରେ ୩୭ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ ହେଲେ ୩୬ ଜଣଙ୍କର ପ୍ରାର୍ଥୀ ପତ୍ର ନାକଚ ହୋଇଯିବା କାରଣରୁ ନୀଲମ ସୀବ ରେଡ୍ଡି ରାଷ୍ଟ୍ରପତି ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ନୀଲମ ସିବ ରେଡ୍ଡି ହେଉଛନ୍ତି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଏକମାତ୍ର ରାଷ୍ଟ୍ରପତି। ସେହିପରି ବାବୁ ରାଜେନ୍ଦ୍ର ପ୍ରସାଦ ଦୁଇ ଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଏକମାତ୍ର ରାଷ୍ଟ୍ରପତି। ସଦ୍ୟ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହେଉଛନ୍ତି ଦେଶର ଶୋଭା, ତାଙ୍କ ସଂଘର୍ଷମୟ ଜୀବନ ଏବଂ ଜିଜିବିଷାକୁ ଦେଶବାସୀ ମନେ ରଖିବା ଉଚିତ୍। ମହାମହିମ ମୁର୍ମୁ କୌଣସି ଦଳ ବିଶେଷର ବିଚାରଧାରାର ନହୋଇ ଭାରତବର୍ଷର ଲୋକଙ୍କ ରାଷ୍ଟ୍ରପତି ଭାବେ ନିଜକୁ ପ୍ରତିପାଦିତ କରିବେ ବୋଲି ଆଶା କରାଯିବା ଉଚିତ୍।

+ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

ଓଡ଼ିଶାରେ ଓବିସି ଆରକ୍ଷଣ-ଆଶା ଓ ଆଶଙ୍କା

ଧୂଳେଶ୍ୱର ମାଣିଆ

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମ୍ଭେ ଆଜି ଓଡ଼ିଶାରେ ଓବିସି ଆରକ୍ଷଣ ନିମନ୍ତେ ଆଶା ଓ ଆଶଙ୍କା ପ୍ରକାଶ କରୁଅଛୁ। ବ୍ରିଟିଶ ରାଜତ୍ୱ କାଳରେ ଦକ୍ଷିଣ ଓ ପଶ୍ଚିମ ଭାରତରେ ଅନେକ ସମାଜ ସଂସ୍କାରକ ଦଳିତ ଓ ପଛୁଆ ବର୍ଗଙ୍କ ବିକାଶ ନିମନ୍ତେ ଅନେକ କାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ପେରିୟର, ପଣ୍ଡିରୋରା, ଡ୍ୟୋତିବା ଫୁଲେ, ଛତ୍ରପତି ସାହୁଜୀ ମହାରାଜ ଓ ବାବା ସାହେବ ଆମ୍ବେଦକରଙ୍କ ନାମ ଉଲ୍ଲେଖଯୋଗ୍ୟ। ବ୍ରିଟିଶ ସରକାର ପ୍ରଥମେ ପ୍ରେସିଡ଼େନ୍ସି ଓ ରାଜୁଡ଼ା ରାଜ୍ୟରେ ଦଳିତ ଓ ପଛୁଆବର୍ଗଙ୍କ ନିମନ୍ତେ ଆରକ୍ଷଣ ପ୍ରଦାନ କରିଥିଲେ। ୧୯୦୨ ମସିହାରେ ଛତ୍ରପତି ସାହୁଜୀ ମହାରାଜ କୋହ୍ଲାପୁର ରାଜ୍ୟରେ ଆରକ୍ଷଣ ସୁବିଧା ଦେଇଥିଲେ। ବ୍ରିଟିଶ ରାଜତ୍ୱ କାଳରେ ୧୮୮୧ରୁ ୧୯୩୧ ପର୍ଯ୍ୟନ୍ତ ଜାତିଭିତ୍ତିକ ଜନଗଣନା ହୋଇଥିଲା। ପରେ ପରେ ବରୋଦା ଓ ମହୀଶୁର ରାଜ୍ୟରେ ଓବିସିଙ୍କ ନିମନ୍ତେ ଆରକ୍ଷଣ ସୁବିଧା ଦିଆଯାଇଥିଲା। ୧୯୨୧ ମସିହା ବେଳକୁ ମାଡ୍ରାସ ପ୍ରେସିଡ଼େନ୍ସି ସମସ୍ତ ବର୍ଗଙ୍କୁ ଆରକ୍ଷଣ ସୁବିଧା ଦେଇଥିଲେ। ୧୯୨୭ ମସିହାରେ ପଛୁଆବର୍ଗଙ୍କ ହିତ ପାଇଁ ଆସିଥିବା ସାଇମନ କମିଶନଙ୍କୁ ମହାତ୍ମା ଗାନ୍ଧୀ ଓ କଂଗ୍ରେସ ବିରୋଧ କରୁଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ କଥା ଅନୁସାରେ ତତ୍କାଳୀନ ପଛୁଆବର୍ଗ ନେତୃବୃନ୍ଦ କଂଗ୍ରେସକୁ ସହଯୋଗ ଦେଇଥିଲେ। ସାଇମନ କମିଶନ 'ଗୋ ବ୍ୟାକ୍' ନାରା ଦେଶ ତମାମ ଦିଆଯାଇଥିଲା। କିନ୍ତୁ ବାବା ସାହେବ ଆମ୍ବେଦକର ସାଇମନ କମିଶନ ସପକ୍ଷରେ ଥିବାରୁ ତାଙ୍କୁ ଇଂରେଜ ମାନଙ୍କର ଦଲାଲ ବୋଲି କୁହାଗଲା। ୧୯୪୨ ମସିହାରେ ଡଃ ଆମ୍ବେଦକର ଅନୁସୂଚିତ ଜାତିଙ୍କ ନିମନ୍ତେ ଆରକ୍ଷଣ ସୁବିଧା ଦାବୀ କରିଥିଲେ। ପେରିୟର ସ୍ୱାଧିନତା ପୂର୍ବରୁ ମହାତ୍ମା ଗାନ୍ଧୀଙ୍କୁ ଦୁଇଥର ଭେଟିଥିଲେ ଏବଂ ଦଳିତ ଓ ପଛୁଆ ବର୍ଗଙ୍କ ନିମନ୍ତେ ଆରକ୍ଷଣ ଏବଂ ଅନ୍ୟାନ୍ୟ ସୁବିଧା ଦାବୀ କରିଥିଲେ। ୧୯୪୬ ମସିହାରେ କ୍ୟାବିନେଟ ମିଶନ ଅନେକ ପ୍ରସ୍ତାବ ସହିତ ବିଭିନ୍ନ ବର୍ଗଙ୍କ ଜନସଂଖ୍ୟା ଅନୁସାରେ ରାଜନୈତିକ ଆରକ୍ଷଣ ଦେବା ପାଇଁ କହିଥିଲେ। ପରାଧୀନ ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ ସମାଜ ସଂସ୍କାରକଙ୍କ କାର୍ଯ୍ୟ ବିଷୟରେ କିଛି ପ୍ରକାଶ ପାଇନାହିଁ। ଯାହା ହେଉ ଶେଷରେ ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଥିଲା ଏବଂ ଡଃ ଆମ୍ବେଦକର ସମ୍ବିଧାନ ପ୍ରଣୟନ କମିଟିର ଅଧ୍ୟକ୍ଷ ହେଲେ।

୧୯୫୦ ଜାନୁୟାରୀ ୨୬ ତାରିଖରେ ଆମ ଦେଶରେ ସମ୍ବିଧାନ କାର୍ଯ୍ୟକାରୀ କରାଗଲା। ପୂର୍ବରୁ ଦିଆଯାଉଥିବା ଆରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ହେଲା। ଆରକ୍ଷଣର ପୁନଃ ପ୍ରଚଳନ ଦାବୀ କରି ପେରିୟରଙ୍କ ନେତୃତ୍ୱରେ ଅଗଷ୍ଟ ୧୪ ତାରିଖରେ ବିରାଟ ଗଣ ବିପ୍ଳବ ସଂଗଠିତ ହୋଇଥିଲା। ଆଇନ ମନ୍ତ୍ରୀ ଡଃ ଆମ୍ବେଦକର ଏକ ସଂଶୋଧନ ଫଳରେ ସମ୍ବିଧାନ ଧାରା ୧୫ ସହିତ ୪ ଉପଧାରା ଓ ଧାରା ୧୬ ସହିତ ୪ ଉପଧାରା ସଂଯୋଗ କରାଗଲା। ଏହି ସଂଶୋଧନ ଫଳରେ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ପଛୁଆବର୍ଗଙ୍କୁ ଆରକ୍ଷଣ ବ୍ୟବସ୍ଥା କରିବାକୁ କ୍ଷମତା ପ୍ରଦାନ କରାଗଲା। ଅନୁସୂଚିତ ଜାତି ଓ ଜନ

ମହିଳାଙ୍କ ମୁଣ୍ଡବିନ୍ଧା

ଡାକ୍ତର ଶୁଭଶ୍ରୀ ମିଶ୍ର

ଅଫିସରେ ସହକର୍ମୀ ଅଞ୍ଜଳୀ ସେ ଦିନ କେଜାଣି କାହିଁ ଟିକିଏ ଚିଡ଼ଚିଡ଼ି ହୋଇ ଅନ୍ୟମାନଙ୍କୁ ଫୋପାଡିଲା ପରି ବ୍ୟବହାର ମୋତେ ବ୍ୟକ୍ତିଗତ ଭାବରେ ମୋତେ ବହୁତ କଷ୍ଟ ଦେଇଥିଲା । ନିରୋଳାରେ ମୁଁ ତାଙ୍କୁ ଡାକି ପଚାରିବାରୁ ସେ କାନ୍ଦ କାନ୍ଦ ହୋଇ କହିଲା - 'ମାଡାମ୍, କ୍ଷମା କରିବେ ସକାଳୁ ମୋ ମୁଣ୍ଡଟା ବିନ୍ଧୁଛି ଯେ ଆଦୌ କମୁ ନାହିଁ । ତେଣୁ ମୋ ଭିତର କଷ୍ଟ ଅନ୍ୟ ମାନଙ୍କ କ୍ରୋଧ ଓ ଚିଡ଼ଚିଡ଼ାର କାରଣ ହୋଇଯାଉଛି ।' ମୁଁ କହିଲି - 'ଓଃ, ଏହି କଥାକୁ ନେଇ ତୁମେ ବ୍ୟସ୍ତ ହେଉଛ, ତୁମେ ମୋ କଥା ଟିକେ ଭଲ ଭାବେ ଶୁଣ । ଘରର ତେଲଲୁଣର ଯାବତୀୟ ଜଞ୍ଜାଳକୁ ମୁଣ୍ଡାଇଥିବା ମହିଳା ମାନଙ୍କର ମୁଣ୍ଡବିନ୍ଧା ପ୍ରାୟତଃ ସ୍ୱଭାବିକ ସମସ୍ୟା । ତେଲଲୁଣର ଜଞ୍ଜାଳ ସହ କର୍ମବ୍ୟସ୍ତ ଭିତରେ ଯାବତୀୟ ଚିନ୍ତା, ଉଦ୍‌ବିଗ୍ନ, କର୍ତ୍ତବ୍ୟନିଷ୍ଠା ପ୍ରତି ଅସତର୍କତା ଓ ମାନସିକ ଅବସାଦଗ୍ରସ୍ତ ସହ କାମର ଚାପ ହିଁ ମହିଳାଙ୍କର ମୁଣ୍ଡ ବିନ୍ଧାର ମୁଖ୍ୟ କାରଣ କହିଲେ ଚଳେ । ମୁଣ୍ଡବିନ୍ଧା ଏପରି ଏକ ସମସ୍ୟା ଯାହା ମହିଳାମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥାଏ । ଅଧିକାଂଶ ସମୟ ମୁଣ୍ଡବିନ୍ଧା ପରି ସମସ୍ୟାର ସମ୍ମୁଖୀନ ହେଉଥିଲେ ପ୍ରଥମେ ତାହାର କାରଣ ଜାଣନ୍ତୁ । ସେହି କାରଣ ପ୍ରତି ସଜାଗ ରହିଲେ ଏପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ । ବାସ୍ତବ କଥା ହେଉଛି ମସ୍ତିଷ୍କର ରକ୍ତଧମନୀ ଗୁଡ଼ିକରେ ଅସନ୍ତୁଳନ ପରିଲକ୍ଷିତ ହୋଇ ପ୍ରାରମ୍ଭିକ ସମୟରେ ଧମନୀଗୁଡ଼ିକ କିଛି ସମୟ ପାଇଁ ସଂକୁଚିତ ହୋଇରହେ ଯାହାଫଳରେକି ମସ୍ତିଷ୍କରେ ପ୍ରବାହିତ ରକ୍ତସଂଚାଳନର ହ୍ରାସ ଘଟିଥାଏ । କିନ୍ତୁ ପୁଣି ଧମନୀଗୁଡ଼ିକ ଫୁଲିଯାଇଥାଏ ଯାହାଫଳରେ କି ଏହା ସହିତ ଜଡ଼ିତ ପୀଡ଼ା ସମ୍ବେଦୀ ତନ୍ତିକା ଗୁଡ଼ିକ ଉପରେ ଚାପ ପଡ଼ି ଯନ୍ତ୍ରଣା ପ୍ରଦାନ କରିଥାଏ । ତେବେ ମସ୍ତିଷ୍କର ଧମନୀଗୁଡ଼ିକର ଏହି ବିଶୃଙ୍ଖଳାର ବିଭିନ୍ନ କାରଣ ରହିଛି । ପାଠପଢୁଆ ଝିଅମାନଙ୍କ ଠାରୁ ମହିଳାମାନଙ୍କ ପାଠପଢ଼ିବା କ୍ଷେତ୍ର ସମୟରେ ଯଦି ପାଠ ପଢ଼ିବା ସମୟରେ ଅସୁବିଧା ହେଉଛି ତେବେ ତାହା ମଧ୍ୟ ମୁଣ୍ଡବିନ୍ଧାକୁ ଡାକିଆଣିପାରେ । ଯଦି ଅଧିକାଂଶ ସମୟ ଟିଭି ଦେଖୁଛନ୍ତି ତେବେ ତା ଉପରେ ଅଙ୍କୁଶ ଲଗାନ୍ତୁ । କାରଣ ଆଖି ଉପରେ ଅଧିକ ପ୍ରଭାବ ମୁଣ୍ଡବିନ୍ଧାର କାରଣ ହୋଇପାରେ । ଆଖିର ସ୍ନାୟୁ ଦୁର୍ବଳ ହୋଇଗଲେ ମଧ୍ୟ ମୁଣ୍ଡ ବିନ୍ଧା ହୋଇଥାଏ । ରକ୍ତଚାପ ବି ହୋଇଥାଏ ମୁଣ୍ଡବିନ୍ଧାର କାରଣ । ଅଧିକ ଆଲୋକ ମଧ୍ୟ ମୁଣ୍ଡବିନ୍ଧାର କାରଣ ସାଜିଥାଏ । ସାଇନସ୍ ସମସ୍ୟା ଥିଲେ ମୁଣ୍ଡବିନ୍ଧା ହୁଏ । ସାଧାରଣ ଜୀବନରେ ମୁଣ୍ଡବିନ୍ଧା କେତେକ କ୍ଷେତ୍ରରେ ଅର୍ଦ୍ଧକପାଳି ବିନ୍ଧିବା ସହିତ ସମ୍ପର୍କ ରହିଥାଏ ଯାହାକି ମୁଣ୍ଡର ବାମ ବା ଡାହାଣ, ଆଗ ବା ପଛ ଭାଗରେ ହୋଇଥାଏ । ମୁଣ୍ଡବିନ୍ଧିବା ପାଇଁ ସମ୍ପ୍ରତି କିଛି ସ୍ୱତନ୍ତ୍ର କାରଣ ଲୋଡ଼ା ଦରକାର ପଡ଼ିନଥାଏ । କାରଣ ମୁଣ୍ଡବିନ୍ଧାର ବିଭିନ୍ନ କାରଣକୁ ଜଣେ ଭେଷଜ ବିଶେଷଜ୍ଞ ନିରାକରଣ କରିବା ସହଜସାଧ୍ୟ ହୋଇନଥାଏ । ଜୀବନକ୍ଷେତ୍ରରେ ଦେଖନ୍ତୁ, ଘରୁ କର୍ମବ୍ୟସ୍ତ ହୋଇ ସ୍ୱାମୀ ଖାଇକି ଯାଇନାହାନ୍ତି ସ୍ତ୍ରୀଙ୍କ ମୁଣ୍ଡ ବିନ୍ଧିଲାଣି । କଲେଜରୁ ପୁଅ ବା ଝିଅ ନିର୍ଦ୍ଧାରିତ ସମୟରେ ଫେରିନାହାନ୍ତି କିମ୍ବା କୌଣସି ଯୋଗାଯୋଗ ବି ରଖିନାହାନ୍ତି ସ୍ୱଭାବିକ ଭାବରେ ମାଆଟିର ମୁଣ୍ଡ ବିନ୍ଧେ । ପିଲାମାନେ କିପରି ବଡ଼ ହେବେ ଭଲ ମଣିଷ ହେବେ ସଂସ୍କାର ପାଇ ନିଜ ଜୀବନକୁ ଗଢ଼ି ତୋଳିବେ ତାହାବି ତେଲଲୁଣର ଛୋଟିଆ ଜଞ୍ଜାଳ ଭିତରେ ଥିଲେ ବି ମାଆଟିର ମୁଣ୍ଡବିନ୍ଧେ । କଥା ଦେଇ କଥା ରଖି ନପାରୁଥିବା ଜୀବନସାଥୀଟି ଭିନ୍ନ ରାସ୍ତାରେ ଗଲେ ସ୍ତ୍ରୀଟି ଅସହାୟ ହୋଇ ମୁଣ୍ଡ ବିନ୍ଧାକୁ ପ୍ରକାରାନ୍ତରେ ନିମନ୍ତ୍ରଣ କରିଥାଏ । କେବଳ ମହିଳାମାନଙ୍କ କ୍ଷେତ୍ରରେ ନୁହେଁ ଯୁବତୀ ମାନଙ୍କ କ୍ଷେତ୍ରରେ ତଥାକଥିତ ହୃଦୟର ଭାଷା ଭୁଲ ବୁଝାମଣାର ଶିକାର ହେଲେ ଝିଅଟିର ତ ମୁଣ୍ଡ ବିନ୍ଧା ଲାଗି ରହିବ ତାହା ସହିତ ତାଙ୍କ ମନର ମଣିଷଟି କେଉଁ ମୁଣ୍ଡ ବିନ୍ଧାରୁ ବର୍ତ୍ତି ପାରିବ ? ନିୟମିତ ଚିକିତ୍ସା ସେବା କ୍ଷେତ୍ରରେ ମହିଳାଙ୍କ ମୁଣ୍ଡ ବିନ୍ଧା ପ୍ରାୟତଃ ସଦାସର୍ବଦା ଆମ୍ଭେମାନେ ସାମ୍ନା କରିଥାଉ । କେବଳ ସେତିକି ନୁହେଁ ମହିଳା ଡାକ୍ତରମାନଙ୍କୁ ବାରମ୍ବାର ଦୂରଭାଷ ମାଧ୍ୟମରେ ବିଭିନ୍ନ ଛୋଟମୋଟ ରୋଗ ସମସ୍ୟାକୁ ନେଇ ସେମାନଙ୍କ ବହୁମୂଲ୍ୟ ସମୟକୁ ସ୍ଥାନକାଳପାତ୍ର ବିଚାର ନକରି ଫୋନ୍ ମାଧ୍ୟମରେ ଯେଉଁ ଅଶୋଭନୀୟତା ପ୍ରଦର୍ଶନ କରିଥାଏ ତାହା କ'ଣ ସେହି ମହିଳା ଡାକ୍ତରଙ୍କର ମୁଣ୍ଡ ବିନ୍ଧାର କାରଣ ହେବ ନାହିଁ କି ? କେବଳ ସେତିକି ନୁହେଁ ବିଶେଷ କରି ଗ୍ରାମାଞ୍ଚଳର କର୍ମଜୀବୀ ମହିଳା ବା ଶ୍ରମଜୀବୀ ମହିଳା ପେଟପାଟଣାର ଚିନ୍ତା ପାଇଁ ଦିନ ଗଲେ ଯୁଗ ଯାଏ ନ୍ୟାୟରେ ମୁଣ୍ଡ ବିନ୍ଧାକୁ ସାମ୍ନା କରିଥାନ୍ତି । ପାରିବାରିକ ଅଶାନ୍ତି, ବିଶ୍ରାମର ଅଭାବ, ଦୀର୍ଘ ଭ୍ରମଣ, ନିଶା ସେବନ, ଥକା ତଥା ଖାଦ୍ୟର ଅନିୟମିତତା ସହ ମହିଳାମାନଙ୍କ ମାସିକ ଧର୍ମ କ୍ଷେତ୍ର ପର୍ଯ୍ୟନ୍ତ ଶିରପୀଡ଼ା ମୁଣ୍ଡବିନ୍ଧାର କାରଣ ସାଜିଥାଏ । କେବଳ ସେତିକି ନୁହେଁ ମାନସିକ ଅବସାଦ, ଅତ୍ୟଧିକ ପରିଶ୍ରମ, ଭାରାକ୍ରାନ୍ତ ଚିନ୍ତା, କ୍ରୋଧ, ଶୋକ, ଭୟ, କ୍ରନ୍ଦନ, ବହୁତ ଗପିବା, ଦୀର୍ଘ ସମୟ ଟିଭିକୁ ଚାହିଁ ରହିବା ବା ହୋଇପାରେ ବୁଦ୍ଧିକୁ ଖଟାଇ ଦୀର୍ଘ ସମୟ ଭୋକରେ ରହି କାର୍ଯ୍ୟ କରିବା ଦ୍ୱାରା ମୁଣ୍ଡ ବିନ୍ଧା ହିଁ ନିଶ୍ଚିତ । ତେବେ ମୁଣ୍ଡ ବିନ୍ଧାକୁ ମହିଳାମାନେ ଚାହିଁଲେ ନିଜକୁ ନିୟନ୍ତ୍ରଣ ରଖିପାରିବେ । ସବୁବେଳେ ଚେଷ୍ଟା କରନ୍ତୁ ମନଭିତରେ ନିଜକୁ ଶାନ୍ତି ରଖିବା ସହ ସତ୍‌କର୍ମ ଓ ସତ୍ ଚିନ୍ତନ ଦ୍ୱାରା ନିଜ ଜୀବନ ସହ ପରିବାର ଓ ଆଖପାଖର ଲୋକମାନଙ୍କ ଜୀବନକୁ ଭଲ କରିପାରିବେ । ଜୀବନରେ କେବଳ ମହିଳା ନୁହଁନ୍ତି କେଉଁ ଲୋକର ଯେ ସମସ୍ୟା ନାହିଁ, ଚିନ୍ତା ନାହିଁ, ଦୁଃଖ ନାହିଁ, ଅଭାବ ନାହିଁ । ସବୁକିଛି ରହିଛି ମୁଣ୍ଡବିନ୍ଧାକୁ ନିଜ ଭିତରୁ କାଢ଼ିବାକୁ ହେଲେ ଦିବ୍ୟ ଜୀବନ ପାଇଁ ନିଜେ ନିଜ ପରିବେଶକୁ ଖାପ୍ ଖୁଆଇ ସ୍ୱାସ୍ଥ୍ୟ ଭିତ୍ତିକ ରୁଟିନ୍ ତିଆରି କରନ୍ତୁ । ନିର୍ଦ୍ଧାରିତ ସମୟରେ ଖାଇବା ସହ ବିଶ୍ରାମ, ପ୍ରତିଦିନ ଆଧ୍ୟାତ୍ମିକ ପୁସ୍ତକ ପଠନ ସହ ଯାବତୀୟ ଚିନ୍ତାକୁ ନିଜ ଭିତରେ ନ ପୁରାଇ ସବୁକିଛି ଭଗବାନଙ୍କ ଉପରେ ସମର୍ପଣ କରି ଜୀବନକୁ ଦିବ୍ୟାଭିମୁଖୀ କରିପାରିଲେ ଦେଖିବେ ଆପଣଙ୍କର ମୁଣ୍ଡବିନ୍ଧା ତ ରହିବନାହିଁ ଆପଣ କାହାର ମୁଣ୍ଡ ବିନ୍ଧାର କାରଣ ବି ହେବେ ନାହିଁ ।

+ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୮୬୧୪୬୩୪୦୬

ଅନନ୍ୟ ଅନୁଭୂତି

ଆଦ୍ୟାଶା ମହାପାତ୍ର

ଦୀପାବଳି ଦିନ ପହଞ୍ଚିଗଲି ଗାଁରେ । ବୋଉ ଯେମିତି ମୋ ବାଟକୁ ଚାହିଁ ରହିଥିଲା । ବାପା ଗଲାପରେ ଏଇ ପ୍ରଥମ ଦୀପାବଳି । ବ୍ରାହ୍ମଣଙ୍କ ଦ୍ୱାରା ଯଥାବିଧି ଶ୍ରାଦ୍ଧ କର୍ମ ଶେଷ ହେବା ପରେ ମୁଁ ଆଶ୍ୱସ୍ତ ଅନୁଭବ କଲି । ଘରର ବଡ ପୁଅ ହିସାବରେ ପିତୃପୁରୁଷଙ୍କୁ ପିଣ୍ଡଦାନର ଅଧିକାରକୁ ମୁଁ ପରମ ସୌଭାଗ୍ୟ ମନେକଲି ।

ଦାଣ୍ଡଘରେ ପଡ଼ିଥିବା ଚେୟାରରେ ବସି, ପିଲାମାନଙ୍କର ବାଣ ଫୁଟାଇବାର ଦୃଶ୍ୟକୁ ଉପଭୋଗ କରୁଥିଲି । ଢେର ଦିନ ପରେ ସେହି ଚେୟାରରେ ବସି କାହିଁକି କେଜାଣି ମୋତେ ଖୁବ୍ ଆରାମ ଏବଂ ଖୁସି ଲାଗିଲା ।-'ଏଥରକ ଏହି ଚେୟାରକୁ ନେଇଯିବି ବୋଲି ଭାବୁଛି । କେହି ତ' ଏଥିରେ ବସୁ ନାହାନ୍ତି । ' ବୋଉକୁ ଶୁଭିଲା ଭଳି କହିଲି ।

-'ଏଇ ପୁରୁଣା ଚେୟାରକୁ କାହିଁକି ନବୁ ?' ମୋ ଆଡକୁ ନଚାହିଁ କହିଲା ବୋଉ ।-'ହଉ...ନବୁ ଯଦି ନେଇଯା । 'କେତେ ସମୟ ଚୁପ୍ ରହିଲା ପରେ ପୁଣି କହିଲା ବୋଉ ।

ପ୍ରକୃତରେ ଏହି ଚେୟାରର ନାଁ 'ଆରାମ ଚେୟାର' ବୋଲି ଆମେ ଛୋଟ ବେଳୁ ହିଁ କହୁଥିଲୁ । ଜଣେ ଚାହିଁଲେ ଆରାମରେ ଏଥିରେ ଶୋଇ ପାରିବ କିମ୍ବା ବସି ପାରିବ । ମୋର ମନେ ଅଛି ଚେୟାରଟି ବାପା ଘରକୁ ଆଣିବା ଦିନ, ବୋଉ ଖୁବ୍ ଅଶାନ୍ତି ହୋଇଥିଲା । -'ନିଜେତ ବଖୁରିଏ ଘରେ ଜୀବନ କାଟିଲ, ଆଉ ଏଠି ଆଣି ଯେତେ ସବୁ ଜିନିଷ ଭର୍ତ୍ତି କରିଦିଅ ! ଛାଞ୍ଚୁଣି ବୁଲାଇବାକୁ ଜାଗା ଟିକେ ନାହିଁ । ମୁଁ ଏ ଘରଦ୍ୱାର ଆଉ ସଫା କରି ପାରିବିନି । 'ବୋଉ ଅଭିମାନ କରି ବାପାଙ୍କୁ କହିଥିଲା ।

-'ଆରେ, ମୋ ଚାକିରୀ ଶେଷ ହେଲେ ଗାଁରେ ଆସି ରହିବି । ଏଇ ଚେୟାରକୁ ଦାଣ୍ଡଘରେ ପକାଇ ବସି ଟିକେ ଆରାମ କରିବି । 'ବାପା ହସି ହସି ବୋଉକୁ ବୁଝାଇବାକୁ ଚେଷ୍ଟା କରୁଥିଲେ ।

-'ହଁ, ଆରାମ ନା ଆଉ କିଛି ! ଘରକୁ ଆସିଲେ ନିଜେ ତ ପାଞ୍ଚ ମିନିଟ୍ ବସିବେନି, ମୋତେ ବି ଟିକେ ବସିବାକୁ ଦେବେନି । 'ବୋଉ ଏଥର ଗୁଣୁ ଗୁଣୁ ହେଲା ଭଳି କହିଲା ।

ପ୍ରକୃତରେ ବାପାଙ୍କ ଶୈଶବରୁ ଶେଷ ଦିନ ପର୍ଯ୍ୟନ୍ତ ଏକ କର୍ମମୟ ଜୀବନର ବୃତ୍ତାନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ଆଠ ବର୍ଷ ବେଳକୁ ବାପା ଏବଂ ବାର ବର୍ଷ ହେଲା ବେଳକୁ ମା'କୁ ହରାଇ ସାରିଥିଲେ ବାପା । ତାଙ୍କର ତିନି ଚାରି ଭାଇଭଉଣୀ ମାନଙ୍କ ଭିତରୁ କେହି ବଞ୍ଚି ନଥିଲେ, ସେଇ ଛୋଟବେଳୁ । ସମ୍ପୂର୍ଣ୍ଣ ବେସାହାରା ହୋଇ ଯାଇଥିଲେ ବାପା । 'କାଳୀମାଟିରେ ପେଟ ଅପୋଷା ରହେନି' ବୋଲି ଶୁଣା କଥାରେ ଜଣେ ସହୃଦୟ ବ୍ୟକ୍ତିଙ୍କ ସହିତ କଲିକତା ପଳେଇ ଯାଇଥିଲେ ଭାଗ୍ୟକୁ ଆଦରି । ନୂଆ ତିଆରି ହେଉଥିବା ଗୋଟିଏ କାରଖାନାରେ ନିଜ ପାଇଁ ଚାକିରୀଟିଏ ଆଉ ମୁଣ୍ଡ ଗୁଞ୍ଜିବାକୁ ଖପରୁଲି ଛାତ ଥିବା ଘର ଖଣ୍ଡେ କୌଣସି ମତେ ଯୋଗାଡ କରି ନେଇଥିଲେ ବାପା ।

ଗାଁରେ ଘରଦ୍ୱାର କରି, ଘର ପାଇଁ ଜିନିଷ ସଜାଡି ଏବଂ ଆମ ମାନଙ୍କୁ ମଣିଷ କରାଇବାରେ, ବାପାଙ୍କ ସମୟ କଟି ଯାଇଥିଲା । ସମୟ ସାଥିରେ ପାଦ ଥାପି ଚାଲୁଥିବା ବାପା, ହଠାତ୍ ଦିନେ ଅଟକି ଗଲେ ମଝି ରାସ୍ତାରେ । ସମୟକୁ ଧୋକା ଦେଇ ବାପା ଭିନ୍ନ ରାସ୍ତା ଧରିନେଲେ ବା ସମୟ, ଅସମୟଟାରେ ବାପାଙ୍କୁ ଧୋକା ଦେଲା ଜଣାନାହିଁ ! ମାତ୍ର ଆମେ ବାପଛେଉଣ୍ଡ ହୋଇଗଲୁ ସବୁ ଦିନ ପାଇଁ ।

ବୋଧହୁଏ ଆରାମ କରିବା ବାପାଙ୍କ ଜୀବନରେ ଲେଖା ନଥିଲା...! ଆରାମ ଚେୟାରଟି ସେବେଠୁ ସେଇ ଦାଣ୍ଡଘରେ ପଡ଼ିଛି । ପରଦିନ ସକାଳକୁ ନିତ୍ୟକର୍ମ ସାରି ମୁଁ ବାହାରିବାକୁ ପ୍ରସ୍ତୁତ ହେଉଥିଲି । -'ବଡବାପା, ଆରାମ ଚେୟାରକୁ କାହିଁକି ବାନ୍ଧୁଛ ? ଦଶଟା ବେଳକୁ ସ୍କୁଲରୁ ଫେରି ମୋତେ ପଚାରୁଥିଲା ମୋ ସାନଭାଇର ପାଞ୍ଚ ବର୍ଷର ପୁଅ, ଆୟୁଷ ।

-'ଏଇଟାକୁ ମୁଁ ନେଇଯିବି ଭୁବନେଶ୍ୱର । ଏଥିରେ ତ କେହି ବସୁ ନାହାନ୍ତି । ଖାଲିଟାରେ ଘରେ ଜାଗା ମାଡି ବସିଛି ।'

-'ନାଁ ବଡବାପା, ତୁମେ ଜାଣିନା । ଏଥିରେ ଜେଜେ ଆସି ବସନ୍ତି ।'

-'ତୋତେ କିଏ କହିଲା ଏକଥା ? 'ହସି ହସି ପଚାରିଲି ତାକୁ ।

-'ଜେଜେମା' କହିଛନ୍ତି ।'

ଛୋଟ ପିଲାଟାର କଥାରେ ମୁଁ କ୍ଷଣିକ ପାଇଁ ସ୍ତବ୍ଧ ହୋଇଗଲି । ମୋତେ ଲାଗିଲା ସତେ ଯେମିତି ଚେୟାର ନୁହେଁ, ମୁଁ ବାପାଙ୍କୁ ବାନ୍ଧି ପକାଇଛି । ଦୀର୍ଘଶ୍ୱାସଟିଏ ନେଇ ତର ତର ହୋଇ ରଶି ଫିଟାଇବାରେ ଲାଗି ପଡ଼ିଲି ମୁଁ । ବୋଉ ଆସି ଯାଇଥିଲା ପାଖକୁ ।- 'ଆରେ ନେଇଯା । ସେ ଦୁଷ୍ଟ ହୁଏ ବୋଲି ମୁଁ ତାକୁ କହେ ଜେଜେ ସେ ଚେୟାରରେ ବସି ସବୁ ଦେଖୁଛନ୍ତି ।'

ସେତେବେଳକୁ ଚେୟାରଟିକୁ ତା' ଯାଗାରେ ମୁଁ ରଖିସାରିଥିଲି ।-'ନାଁ ବୋଉ, ବଡ଼ପୁଅ ହିସାବରେ ମୁଁ ବାପାଙ୍କଠୁ ସବୁଠୁ ବେଶୀ ସ୍ନେହ ପାଇଛି । ଯାହା ଚାହିଁଛି, ସବୁ ପାଇଛି । ସୁଦୂର କଲିକତାରୁ ବୋହି ଆଣି ବାପା ଘରେ ଥୋଇଥିବା ଏ ଚେୟାରକୁ , ମୁଁ ଘରୁ ନେଇ ଯିବାକୁ ବସିଥିଲି । ଥାଉ ଏ ସନ୍ତକ ଏଇଠି, ସବୁଦିନ ପାଇଁ । 'ମୋ କଣ୍ଠ କ୍ରମେ ରୁନ୍ଧି ହୋଇ ଆସୁଥିଲା ।

-'ସାରା ଜୀବନ ଖଟି ଖଟି, ଶେଷକୁ ଆରାମ କରିବେଭାବିଥିଲେ । ଯାହା ଆରାମ କଲେ....' । ବୋଉ ପାଟିରୁ ଆଉ କଥା ବାହାରୁ ନଥିଲା । କଇଁ କଇଁ ହୋଇ କାନ୍ଦିବା ଆରମ୍ଭ କରିଦେଇଥିଲା । ଆଖିରେ ଆଖିଏ ଲୁହ ନେଇ ମୁଁ ବୋଉକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଥିଲି ।

ବୋଉକୁ ଛାଡ଼ି ଆସିବାକୁ ସେଦିନ ଆଉ ଇଚ୍ଛା ହେଲାନି । ହବିଷ ଖାଇ ପରଦିନ ସକାଳକୁ ଯିବି ବୋଲି ବୋଉକୁ କହିଲି । ସେ ଟିକେ ଖୁସି ହୋଇଗଲା ଭଳି ଲାଗିଲା । ଖାଇଲା ବେଳକୁ ବୋଉ କଦଳୀ ପତ୍ରରେ ପରଷି ଦେଲା ଅମୃତ ମଣୋହି-ସୁସ୍ୱାଦୁ ହବିଷ ଡାଲମା ।

ସେଦିନ ରାତିରେ ଶୋଇବା ବେଳକୁ, ଭୋର ପାଞ୍ଚଟାରେ ଡାକିଦେବାକୁ ବୋଉକୁ କହିଲି । ଛ'ଟାରେ ବସ୍ । ବାପା ଥିଲାବେଳେ ଠିକ୍ ସମୟରେ ଠିକ୍ କାମ କରିବାକୁ ପ୍ରବର୍ତ୍ତାଉଥିଲେ ସବୁବେଳେ । ସମୟକୁ ଗୁରୁଜ୍ଞାନ କରୁଥିଲେ ସେ । ଏକଲବ୍ୟର ଗୁରୁଦକ୍ଷିଣା ପରି ସମୟ ବି ବୋଧହୁଏ ହଠାତ୍ ଦିନେ କପଟରେ ମାଗିବସିଥିଲା ତା'ର ଇପ୍ସିତ ପ୍ରାପ୍ୟ ।ଆଉ ବାପା ବହୁ ମୂଲ୍ୟର ନିଜ ଜୀବନକୁ ବିନା ଦ୍ୱିଧାରେ ସମର୍ପଣ କରି ଦେଇଥିଲେ, ଗୁରୁ ଦକ୍ଷିଣା ସ୍ୱରୂପ । ବାପାଙ୍କ କଥା ଭାବୁ ଭାବୁ ବହୁତ ଡେରିରେ ନିଦ ହେଲା ।

ଠିକ୍ ପାଞ୍ଚଟାରେ ନିଦ ଭାଙ୍ଗିଗଲା । ମନେ ହେଲା କିଏ ଡାକି ଦେଇଥିଲେ ମୋତେ । ଖୁବ୍ ପରିଚିତ ଡାକ । ପ୍ରାୟ ବାପାଙ୍କ ସ୍ୱର ! ଯେମିତି ଆଗରୁ ଡାକୁଥିଲେ ମୋ ବାହାରିବାକୁ ବିଳମ୍ବ ହେଲେ , ସସ୍ନେହ ଅଥଚ ଗମ୍ଭୀର....। ଦାଣ୍ଡଘରେ ସେହି 'ଆରାମ ଚେୟାର' ଉପରେ ବସି ବାପା ଡାକୁଥିଲେ କି !!!! ବୋଉର ନିଦ ଭାଙ୍ଗିଲା ମୋ ଡାକରେ । ବୋଉକୁ ଏବଂ ସେହି ଚେୟାର ଉଦ୍ଦେଶ୍ୟରେ ବିନମ୍ର ପ୍ରଣାମ ଜଣାଇ ଘରୁ ବାହାରି ଆସିଲି.....!

+ନୂଆପଡା, କଟକ

ଆକ୍ଷେପରେ ପ୍ରଭାବିତ ହୁଅନ୍ତୁ ନାହିଁ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ

ଲୋକମାନେ ଆମକୁ ଧୋକା ଦେଇ ପାରନ୍ତି, ଘୃଣା କରି ପାରନ୍ତି, ଗାଳି କରି ପାରନ୍ତି, ଆମକୁ ନିଜା ଦେଖେଇ ପାରନ୍ତି,ଏସବୁ ସେମାନଙ୍କ ଅସଂସ୍କାର ହୋଇପାରେ । ତାଙ୍କୁ ଆୟତ୍ତ କରିବା ଆମ ହାତରେ ନଥାଏ । ସେମାନେ ତାଙ୍କ ସ୍ୱଭାବ ଅନୁସାରେ ଆଚରଣ କରନ୍ତି ଏବଂ ତାହା ହିଁ ତାଙ୍କୁ ଆନନ୍ଦ ଦିଏ । ଆମେ ଯାହାକୁ ଶ୍ରଦ୍ଧା କରୁଥିବା ସେ ମଧ୍ୟ ଉପରେ ଉପରେ ଭଲ କଥା କହି ମନ ଭିତରେ ଆମ ପ୍ରତି ଈର୍ଷା, ଦ୍ୱେଷ, ଘୃଣାଭାବ ରଖିଥାଇ ପାରନ୍ତି ଏବଂ ଆମେ ତାଙ୍କର ଭାବନା ଦେଖି ଛଳନାପୂର୍ଣ୍ଣ କଥାରେ ଆପାୟିତ ହୋଇଯାଇଥାନ୍ତି । ଜରୁରୀ ନୁହେଁ ସମସ୍ତେ ଆମ ସହିତ ଭଲ ଆଚରଣ କରିବେ ବା ପ୍ରଶଂସା କରିବେ । ତେଣୁ କିଏ କଣ ଆମକୁ କହିଲେ, ଆମ ପ୍ରତି କିଭଳି ଭାବନା ରଖିଲେ ତା'ଉପରେ ଗୁରୁତ୍ୱ ନଦେଇ ନିଜ କର୍ମ କରିଚାଲିବା ବୁଦ୍ଧିମାନର ପରିଚୟ । ଅନ୍ୟକୁ ନିୟନ୍ତ୍ରଣରେ ରଖିବା ଆମ ହାତରେ ନାହିଁ, କିନ୍ତୁ ଯେପର୍ଯ୍ୟନ୍ତ ଆମେ ବାହାରର କୌଣସି କଥାକୁ ନିଜ ମନକୁ ନେବା ନାହିଁ, କେହି ଆମ ଭିତରକୁ ଆସି ଆମ ବିଚାରକୁ ଦୁର୍ବଳ କରିପାରିବେ ନାହିଁ ।

କେହି ଯଦି କୁହେ 'ତୁମେ ଲାଞ୍ଚ ନେଉଛ, ଅଫିସରେ ଚୋରୀ କରୁଛ, ତୁମର ବ୍ୟବହାର ଖରାପ ବୋଲି ଲୋକେ କୁହାକୁହି ହେଉଛନ୍ତି, ତୁମେ ବହୁତ ଅଳସୁଆ' ଇତ୍ୟାଦି ଇତ୍ୟାଦି, ହୁଏତ ଆପଣ ଏସବୁ ସହି ପାରିବେ ନାହିଁ । ନିଜେ ଠିକ୍ ବୋଲି ଗୁଡାଏ ପ୍ରମାଣ ଦେବା ଭଳି କଥା କହିବେ, ନଚେତ୍ ଯିଏ ଆପଣଙ୍କ ବିଷୟରେ ଏତେ ଖରାପ କହିଛି ଜାଣିବାକୁ ଚାହିଁବେ । ଜାଣିବା ପରେ ଫୋନ୍ କରି ତାକୁ କ୍ରୋଧରେ ଗୁଡାଏ ଶୁଣାଇବେ । ଏଥିରେ ଲାଭ କଣ ହେବ ? ଆପଣଙ୍କ କ୍ରୋଧ ବା ଗାଳି ସେ ବ୍ୟକ୍ତିଙ୍କୁ ସୁଧାରି ପାରିବନି ବରଂ ରକ୍ତଚାପ ବଢିବ । ଏ କ୍ଷେତ୍ରରେ ଆପଣ ଗୋଟିଏ କଥା କହି ନିଜର କ୍ରୋଧ, ଅସନ୍ତୋଷଠୁ ଦୂରେଇ ରହିପାରିବେ ଯେ 'ମୁଁ ମୋର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁରୂପେ ପାଳନ କରୁଛି, ମୋ ଆତ୍ମା କହୁଛି ମୁଁ ଠିକ୍। ଆପଣଙ୍କୁ ଯଦି ତାହା ଦିଶୁନାହିଁ କିମ୍ବା ଆପଣ ହୃଦୟଙ୍ଗମ କରି ପାରୁନାହାନ୍ତି ତାହା ଆପଣଙ୍କ ବ୍ୟକ୍ତିଗତ ବିଚାର । ଏହା ମୋତେ ଆଦୌ ପ୍ରଭାବିତ କରିବ ନାହିଁ' ।

ଆଗରୁ ଜୀବନ ଭିନ୍ନ ପ୍ରକାରର ଥିଲା । ବ୍ୟକ୍ତି ଦୀର୍ଘାୟୁ ଥିଲା ଏବଂ ବୃଦ୍ଧ ହେବାପରେ ଦେହତ୍ୟାଗ କରୁଥିଲା । କିନ୍ତୁ ଏବେ ଜୀବନ ଅକସ୍ମାତ୍ ହୋଇଯାଇଛି । ଏଇନେ ଅଛି ଏଇନେ ନାହିଁ । କେହି କହି ପାରିବନି କେତେବେଳେ ଶରୀରରୁ ପ୍ରାଣବାୟୁ ଉଡିଯି

ରୋ-ରୋ/ ରୋ-ପାକ୍ସ ଫେରୀ ସେବାକୁ ପ୍ରୋତ୍ସାହନ

ଓଡ଼ିଶାର ୨ଟି ସମେତ ଦେଶର ୪୫ଟି ସ୍ଥାନରେ ବିକଶିତ ହେଉଛି ଜଳମାର୍ଗ ପରିବହନ ସେବା

ଭୁବନେଶ୍ୱର,୨୭/୦୭ (ନି.ପ୍ର): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳମାର୍ଗ ମନ୍ତ୍ରଣାଳୟ ରୋ-ରୋ/ରୋ-ପେକ୍ସ ଫେରୀ ପରିବହନ ସେବାକୁ ପ୍ରୋତ୍ସାହନ ଦେଉଛି । ଏହି ଜଳ ଆଧାରିତ ପରିବହନ ବ୍ୟବସ୍ଥାକୁ ଲଜିଷ୍ଟିକ୍ସ ଖର୍ଚ୍ଚ କମାଇବା ଏବଂ ଯାତ୍ରା ସମୟ ହ୍ରାସ କରିବାର ଏକ ଉନ୍ନତ ମାର୍ଗ ଭାବେ ବିବେଚନା କରାଯାଉଛି । ଏହା ମଧ୍ୟ ସଡ଼କ, ରେଳ ମାର୍ଗରେ ଟ୍ରାଫିକ ଭିଡ଼ କମାଇବା ସହିତ ଶବ୍ଦ ପ୍ରଦୂଷଣ ହ୍ରାସ କରିବ । ବିଭିନ୍ନ ସୁବିଧାଜନକ ମାର୍ଗରେ ଉପକୂଳ ଜାହାଜ ଚଳାଚଳକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ସେବାକୁ କାର୍ଯ୍ୟକାରୀ କରାଯାଉଛି ।

ଭାରତ ସରକାର ମୋଟ୍ ୧୯୦୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ୨ଟି ସ୍ଥାନ ସମେତ ଦେଶର ୪୫ଟି ସ୍ଥାନରେ ରୋ ପେକ୍ସ ଫେରୀ ସେବା ପ୍ରକଳ୍ପ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ବିଭିନ୍ନ ସ୍ଥାନରେ ଫେରୀ ଘାଟ ନିର୍ମାଣ କରାଯାଇ ଜଳମାର୍ଗରେ ଯାତାୟାତ ପାଇଁ ସୁଗମ ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ଗୁଜରାଟର ଘୋଗା-ହାଜିରା ମଧ୍ୟରେ ରୋ-ପେକ୍ସ ଫେରୀ ସେବା ଆରମ୍ଭ କରାଯାଇଥିବା ବେଳେ ମହାରାଷ୍ଟ୍ରରେ ମୁମ୍ବାଇରୁ ମାଣ୍ଡୱା ମଧ୍ୟରେ ଏହି ଜଳମାର୍ଗ ଖୋଲିଛି । ଏସବୁ ପ୍ରକଳ୍ପ ମାଧ୍ୟମରେ ଏବେ ସୁଦ୍ଧା ୭ ଲକ୍ଷ ଯାତ୍ରୀ ଏବଂ ୧.୫ ଲକ୍ଷ ବାହନ ପରିବହନ କରାଯାଇଛି । ଆଗକୁ ଗୁଜରାଟର ପିପାଭାଓ ଏବଂ ମୂଳଦ୍ୱାରକା ଏବଂ ମହାରାଷ୍ଟ୍ରର ଘୋଡ଼ବନ୍ଦର, ଭେଲଦୁର, ୱସାଇ, କାଶିଡ, ରେଓ୍ୱାସ, ମନୋରୀ ଏବଂ ଜେଏନ ବନ୍ଦରରେ ଏହି ସେବା ଆରମ୍ଭ କରାଯିବ । ତା'ଛଡ଼ା ଆନ୍ଧ୍ରପ୍ରଦେଶରେ ୪ଟି, ତାମିଲନାଡୁ ଓ ଗୋଆରେ ଗୋଟିଏ ଲେଖାଏଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି । ଓଡ଼ିଶାର ଦୁଇଟି ସ୍ଥାନରେ ରୋ ପେକ୍ସ ଫେରୀ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ରାଜ୍ୟସଭାରେ ଏକ ଲିଖିତ ଉତର ଦେଇ କହିଛନ୍ତି ଯେ, ମନ୍ତ୍ରଣାଳୟ ପକ୍ଷରୁ "ଭାରତୀୟ ଉପକୂଳରେ ରୋ- ରୋ ଏବଂ ରୋ-ପେକ୍ସ ଫେରୀ ସେବା ପାଇଁ ଏକ ମାର୍ଗଦର୍ଶିକା" ଜାରି କରାଯାଇଛି । ଏହା ଫେରୀ ସେବାର ବିକାଶ ଏବଂ ପରିଚାଳନାକୁ ସମରୂପ ଦେବ ଏବଂ ସୁବ୍ୟବସ୍ଥିତ କରିବ । ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହିତ କରିବା ସହିତ ଅହେତୁକ ବିଳମ୍ବ ଦୂର କରିବ ଏବଂ ଗ୍ରାହକଙ୍କ ପାଇଁ ଡିଜିଟାଲ ହସ୍ତକ୍ଷେପର ପ୍ରଚଳନ କରିବ ।

୬ହଜାର ତଳକୁ ଖସିଲା ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର,୨୭/୦୭ (ନି.ପ୍ର): କରୋନାର ଚଳିତ ଚତୁର୍ଥ ଲହରରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ୨ଜଣ ପ୍ରାଣ ହରାଇଥିବା ଘୋଷଣା କରାଯାଇଛି । ଏହାକୁ ମିଶାଇ ଚଳିତ ଲହରରେ ବର୍ତମାନସୁଦ୍ଧା ୮ଜଣଙ୍କ କରୋନାରେ ମୃତ୍ୟୁ ହୋଇ ସାରିଲାଣି । ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଖସୁଥିବା ବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତା ବଢ଼ାଇଛି । ରାଜ୍ୟରେ ମୋଟ ୯୧୩୫ ଜଣଙ୍କର ସରକାରୀ ଭାବେ କରୋନାରେ ମୃତ୍ୟୁ ହୋଇଛି । କିନ୍ତୁ ୨୭,୫୮୫ଜଣ କରୋନା କ୍ଷତିପୂରଣ ପାଇଁ ଆବେଦନ କରିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି । ଏଥିରେ ଖୋର୍ଧାରୁ ସର୍ବାଧିକ ୬୭୨୨, କଟକ ୩୮୭୬, ସୁନ୍ଦରଗଡ଼ ୨୦୧୩, ଗଞ୍ଜାମ ୧୯୬୭ ଓ ସମ୍ବଲପୁର ୧୫୬୦ରୁ କ୍ଷତିପୂରଣ ପାଇଁ ଆବେଦନ ଆସିଛି । ସରକାରୀ ମୃତ୍ୟୁ ସଂଖ୍ୟାଠାରୁ ପ୍ରାୟ ୩ଗୁଣ ଲୋକ କ୍ଷତିପୂରଣ ପାଇଁ ଆବେଦନ କରିବା ରାଜ୍ୟର ପ୍ରକୃତ ମୃତ୍ୟୁ ସଂଖ୍ୟାକୁ ନେଇ ସନ୍ଦେହ ସୃଷ୍ଟି କରିଛି । ଚତୁର୍ଥ ଲହର ଶେଷ ହେବା ବେଳକୁ ଆବେଦନକାରୀଙ୍କ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି ।

ବିଜୟ ଦିବସରେ ପରାକ୍ରମ ବଖାଣିଲା ପାଇକ ମହାସଂଘ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ମା' ମାଟି ପାଇଁ ପ୍ରାଣବଳୀ ଦେଇଥିବା ସୈନିକମାନେ ଆମର ଚିର ନମସ୍ୟ । ଅନ୍ଧକାର ରାତ୍ରିରେ ଯେତେବେଳେ ଆମ୍ଭେମାନେ ସୁପ୍ତ ଠିକ୍ ସେହି ସମୟରେ ଆମର ସୈନ୍ୟବାହିନୀ ଜାଗ୍ରତ । ଆମ୍ଭେମାନେ ଯେତେବେଳେ ତେଲ, ଲୁଣ ଦୁନିଆ ଭିତରେ ବୁଡ଼ି ରହିଥାଉ ଠିକ୍ ସେତିକିବେଳେ ସୁଉଚ୍ଚ ପାହାଡ଼, ବରଫାଚ୍ଛନ୍ନ, ଅଗଭୀର ସମୁଦ୍ର, ଆକାଶର ମଧ୍ୟଭାଗରେ ଆମ୍ଭମାନଙ୍କୁ ସୁରକ୍ଷା କରିଥାନ୍ତି । ଆମ ଭାରତୀୟ ସୈନିକମାନେ ଆଜି କାର୍‌ଗିଲ୍ ବିଜୟ ଦିବସ ଅବସରରେ ଏହା ପ୍ରକାଶ କରିଛନ୍ତି ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ । ଆଜି ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲ୍ ପରିସର ମଧ୍ୟରେ ଥିବା "ଅମର ଯବାନ' ସ୍ମୃତିସ୍ତମ୍ଭ ନିକଟରେ ମହାସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ସ୍ଥାନୀୟ ୧୧ ନମ୍ବର ୱାର୍ଡ଼ର କର୍ପୋରେଟର ଶ୍ରୀମତୀ ପ୍ରଭାସିନୀ ମହାନ୍ତି ଅତିଥି ଭାବରେ ଯୋଗଦେଇ ଅମର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ବିଜୟ ଦିବସର ପରାକ୍ରମ ବଖାଣିଥିଲେ । ରାଜ୍ୟ ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ ନିଜ ଜୀବନକୁ ବାଜି ଲଗାଇ ଭାରତୀୟ ସୈନିକମାନେ ଯେପରି ପାକିସ୍ତାନ ସୈନ୍ୟବାହିନୀକୁ କଡ଼ା ଜବାବ ଦେଲେ ତାହାର ପଟାନ୍ତର ନାହିଁ । ସେଥିପାଇଁ ଆଜି ବିଶ୍ୱରେ ଭାରତୀୟ ସେନା ନିଜ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ମୁଖପାତ୍ର ରାଜୀବ ନୟନ ରଥ ସହିଦ ବୀର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ବିହାର ରେଜିମେଂଟର ହାବିଲଦାର ରାମଚନ୍ଦ୍ର ଟୁଡୁଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜସେବୀ ସନ୍ତୋଷ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନରେ ଦିବ୍ୟ କାଶୀ - ଆଦି ଅମାବାସ୍ୟା ଯାତ୍ରା ଟ୍ରେନ୍

ଭୁବନେଶ୍ୱର,୨୭/୦୭ (ନି.ପ୍ର): ୨୩ ଜୁଲାଇ ରେ ଦକ୍ଷିଣ ଭାରତର କୋଏମ୍ବାଟୁରରୁ ଛାଡି ଥିବା ଶକ୍ତି ପୀଠ ଆଧାରିତ ଟୁରିଷ୍ଟ ସର୍କିଟ୍ ଭାରତ ଗୌରବ ଟ୍ରେନ୍ "ଦିବ୍ୟ କାଶୀ - ଆଦି ଅମାବାସ୍ୟା ଯାତ୍ରା" ଟ୍ରେନ ଏହାର ଯାତ୍ରା ସ୍ଥଳ ପରିଭ୍ରମଣ ମଧ୍ୟରେ ଆଜି ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ଠାରେ ପହଁଚିଛି । କାଶୀ ଅଭିମୁଖେ ଯାତ୍ରା କରୁଥିବା ଏହି ଟ୍ରେନ୍ ଦେଶର ଅନେକ ଧାର୍ମିକ ଗନ୍ତବ୍ୟସ୍ଥଳକୁ ପରିଭ୍ରମଣ କରିବ । ଯେଉଁଠାରେ ତୀର୍ଥଯାତ୍ରୀ / ପର୍ଯ୍ୟଟକ ପିଠାପୁରମ, ପୁରୀ, କୋଣାର୍କ, ଯାଜପୁର, କାଶୀ, ଗୟା, ପ୍ରୟାଗରାଜ ଏବଂ ବିଜୟୱାଡା ସ୍ଥିତ ଶକ୍ତିପୀଠ ଗୁଡିକୁ ପରିଦର୍ଶନ କରିବ । ଓଡିଶାର ଶକ୍ତି ପୀଠ ମଧ୍ୟରେ ପର୍ଯ୍ୟଟକମାନେ କୋଣାର୍କରେ ପର୍ଯ୍ୟଟନ ସ୍ଥଳ ବ୍ୟତୀତ ପୁରୀର ବିମଳା ମନ୍ଦିର ଏବଂ ଯାଜପୁରର ବିରଜା ମନ୍ଦିର ପରିଦର୍ଶନ କରିବେ । ଭାରତ ଏବଂ ବିଶ୍ୱବାସୀଙ୍କୁ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଭବ୍ୟ ଐତିହାସିକ ସ୍ଥାନଗୁଡିକ ପ୍ରଦର୍ଶନ କରିବା ହେଉଛି ଭାରତ ଗୌରବ ଟ୍ରେନ ଚଳାଚଳର ଏକ ପରିକଳ୍ପନା । ଭାରତ ଗୌରବ ଟ୍ରେନ୍ ଚଳାଚଳ ନୀତି ଅଧୀନରେ ଭାରତୀୟ ରେଳ ସହଭାଗିତାରେ ଏହି ଟୁରିଷ୍ଟ ସର୍କିଟ୍ ଚଳାଚଳ ପାଇଁ ଏକ ପଦକ୍ଷେପ ।

ରାହୁଲ ଗାନ୍ଧୀଙ୍କୁ ଅଟକ ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ସାଂସଦଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ଅଭିଯୋଗ କରିଛନ୍ତି । ଦେଶର ଉତ୍କଟ ଦାରିଦ୍ର୍ୟ, ବେକାରୀ, ଦରଦାମ ବୃଦ୍ଧି, ମାନବା ଅଧିକାର କ୍ଷୁର୍ଣ୍ଣ, ନାରୀ ନିର୍ଯ୍ୟାତନା, ଦେଶର ସଂପତି ବିକ୍ରି, ମୁଦ୍ରାସ୍ଫିତି ପ୍ରସଙ୍ଗରେ ସଂସଦରେ ଆଲୋଚନା କରିବାକୁ ନରେନ୍ଦ୍ର ମୋଦି ସୁଯୋଗ ଦେଉନାହାନ୍ତି । ଯେଉଁ ସାଂସଦମାନେ ସଂସଦରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ସଂସଦର ନିଲମ୍ବନ କରାଯାଉଛି । ଅର୍ଥାତ ବିରୋଧୀମାନେ ସଂସଦରେ ମୁହଁ ଖୋଲିପାରିବେ ନାହିଁ । ଏହାର ପ୍ରତିବାଦରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ୫୬ଜଣ ସାଂସଦ ରାଷ୍ଟ୍ରପତି ଭବନ ଉଦ୍ଦେଶ୍ୟରେ ଯିବାବେଳେ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରରୋଚନାରେ ଅଟକ ରଖାଯାଇଛି । ଏ ଦେଶର ଗଣତନ୍ତ୍ର ନାହିଁ । ନିର୍ବାଚିତ ଜନପ୍ରତିନିଧିଙ୍କ ବାକ୍ ସ୍ୱାଧୀନତା ଛଡ଼େଇ ନିଆଯାଇଛି । ଏହାର ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଉତ୍କଳ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା । ପୋଲିସ ଛାତ୍ରକଂଗ୍ରେସର ସଭାପତି ୟାସିର ନଓ୍ୱାଜଙ୍କ ସହ ଶତାଧିକ ଛାତ୍ରକଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା । ଏହି କାର୍ଯ୍ୟକ୍ରମରେ ରଣଜିତ ପାତ୍ର, ସ୍ୱାଗତ କର, ନଳିନୀକାନ୍ତ ନାୟକ, ନିହାର ରଞ୍ଜନ ବେହେରା, ମନୋଜ ବିଶ୍ୱାଳ, ଅମରେଶ ପରିଡ଼ା, ଉଦିତ ପ୍ରଧାନ, ସାଗର ପଟ୍ଟନାୟକ, ସାହାରୁଖ ଖାନ, ବିଶ୍ୱଭୂଷଣ ମହାପାତ୍ର, ବିଭୂତିଭୂଷଣ ମହାପାତ୍ର, ସମିଉଲ ହକ, ମହମ୍ମଦ ଗୁଲଫାମ, ପ୍ରତ୍ୟୁଷ ପ୍ରଧାନ, ସେକ୍ ସାଜୁ, ନିତେଶ ବେହେରା, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

କାର୍ଗିଲ ବିଜୟ ଦିବସ ଅବସରରେ ଆୟୁର୍ବେଦ ଚାରା ରୋପଣ

ଭୁବନେଶ୍ୱର,୨୭/୦୭ (ନି.ପ୍ର): କାରଗିଲ ବିଜୟ ଦିବସ ଭୁବନେଶ୍ୱର କାର୍ଗିଲ ରୋଡ଼୍‌ରେ ପାଳନ ହୋଇଯାଇଛି । ଏହି ଉପଲକ୍ଷେ କାର୍ଗିଲ ଯୁଦ୍ଧରେ ସହୀଦ ହୋଇଥିବା ବୀର ସହିଦଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସହିଦମାନଙ୍କୁ ସ୍ମୃତିରେ ଆୟୁର୍ବେଦ ଚାରା ରୋପଣ କରାଯାଇଛି । ସାହାଯ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସରୋଜ କୁମାର ସାହୁ । ଏହି ଉପଲକ୍ଷେ ଶୋଭାଯାତ୍ରା କରାଯାଇଥିଲା । ଏଥିସହ ସହୀଦମାନଙ୍କ ସ୍ମରଣରେ କାର୍ଗିଲ ରୋଡ଼୍ ଖେଳପଡ଼ିଆରେ ଆୟୁର୍ବେଦ ଚାରା ରୋପଣ କରାଯାଇଥିଲା । ଏଥିରେ ସ୍ୱାମୀ ମୁକ୍ତାନନ୍ଦ ଜୀ, ମହର୍ଷି ନଚିକେତା, ପ୍ରମୋଦ କୁମାର ଦାସ, ସାନୁ ସେଠ୍ ପ୍ରମୁଖ ସାମିଲ ହୋଇଥିଲେ ।

ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସର ଅଟକକୁ ବିରୋଧ କରି ମହିଳା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ନିଖିଳ ଭାରତ କଂଗ୍ରେସ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟର ବାରମ୍ବାର ଡାକରାକୁ ପ୍ରତିବାଦ କରି ଆଜି ରାହୁଲ ଗାନ୍ଧୀ ବିଜୟଚୌକ ଠାରେ ବସିଥିବା ବେଳେ ଦିଲ୍ଲୀ ପୋଲିସ ତାଙ୍କୁ ଆକ୍ରୋଶମୂଳକ ଭାବେ ଜୋର ଜବରଦସ୍ତ ଉଠାଇ ନେଇ ଥାନାରେ ଅଟକ ରଖିଥିଲେ । ଏହି ଅଗଣତାନ୍ତ୍ରିକ ସରକାରୀ ଗୁଣ୍ଡାରାଜକୁ ପ୍ରତିବାଦ କରି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ନିତା ଡି ସୌଜାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ମଙ୍ଗଳବାର ଅପରାହ୍ନରେ ମାଷ୍ଟରକ୍ୟାଂଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କୁଶପୁତଳିକା ଦାହ କରାଯିବା ସହିତ ନାରାବାଜି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ମହିଳା କଂଗ୍ରେସ ସଂପାଦିକା ସସ୍ମିତା ବେହେରା, ସ୍ୱାଧୀନବାଳା ଦାସ, ଅର୍ଚ୍ଚନା ନନ୍ଦି, କୁସୁମ ପ୍ରଧାନ, କନକଲତା ମଲ୍ଲିକ, ନିରୁପମା ପାତ୍ର ପ୍ରମୁଖ ବହୁ ମହିଳା ନେତ୍ରୀ ଅଂଶଗ୍ରହଣ କରିଥିଲେ ।

୨୨ ହଜାରରୁ ଅଧିକ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଇଛି

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଦ୍ରୁତ ଶିଳ୍ପାୟନ ସମେତ ସହରୀକରଣ ଯୋଗୁଁ ହ୍ରାସ ପାଉଥିବା ଭୂତଳ ଜଳସ୍ତରକୁ ରୋକିବା ସହିତ ଜଳସ୍ତର ବୃଦ୍ଧିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ସମସ୍ତ ୧୧୫ ପୌରାଂଚଳର ପ୍ରତ୍ୟେକ ୱାର୍ଡରେ ମିଶନ୍ ଶକ୍ତି ଗୋଷ୍ଠୀ ସହଯୋଗରେ ବର୍ଷା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପୌରାଞ୍ଚଳ ମାନଙ୍କରେ ଥିବା ପାର୍କ, ଖେଳପଡିଆ ଭଳି ଖୋଲା ସ୍ଥାନଗୁଡିକରେ , ସୁସଂଯୋଜିତ ଶ୍ରମ ନିୟୋଜନ ଭିତିକ କାର୍ଯ୍ୟକ୍ରମ 'ମୁଖ୍ୟମନ୍ତ୍ରୀ କର୍ମ ତପୁର ଅଭିଯାନ' (ମୁକ୍ତା) ଅଧୀନରେ ଦ୍ରୁତ ଗତିରେ ବୃଷ୍ଟି ଜଳ ଅମଳ ପ୍ରକଳ୍ପ ମାନ ନିର୍ମାଣ କରାଯାଇଛି । ଗତ ବର୍ଷ ଏପ୍ରିଲ ମାସରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ଟାସ୍କ ଫୋର୍ସ ଏବଂ ମହାନଗର ନିଗମର କମିଶନର୍ ତଥା ପୌରସଂସ୍ଥାର ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ସିଟି ଲେଭଲ୍ କୋର୍ ଗ୍ରୁପ୍ ଗଠନ କରାଯାଇଥିଲା । ମୌସୁମୀ ଋତୁ ଆରମ୍ଭ ପୂର୍ବରୁ ୧୩,୦୦୦ ବର୍ଷା ଜଳ ଅମଳ ପ୍ରକଳ୍ପ ପ୍ରତିଷ୍ଠା କରିବାର ଲକ୍ଷ୍ୟ ପୂରଣ କରା ଯାଇଥିଲା । ଚଳିତ ବର୍ଷ ମୌସୁମୀ ଋତୁ ଆରମ୍ଭ ପୂର୍ବରୁ୨୫ ,୦୦୦ ବର୍ଷା ଜଳ ଅମଳ ପ୍ରକଳ୍ପ ପ୍ରତିଷ୍ଠା କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସ୍ଥଳେ ନିଷ୍ଠାପର ଦାୟିତ୍ୱ ସମ୍ପାଦନ ଏବଂ ୧୦,୧୧୬ ମିଶନ୍ ଶକ୍ତି ଗୋଷ୍ଠୀ ତଥା ବସ୍ତି ବାସିନ୍ଦା ସଂଘ ସଦସ୍ୟଙ୍କ ସାଙ୍ଗଠନିକ ଦକ୍ଷତା ଓ ସହଯୋଗ ଭିତିରେ ୨୨,୭୬୬ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି ।

ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସହରାଞ୍ଚଳ ବାସଗୃହ ଛାତରେ ବର୍ଷା ଜଳ ଅମଳ ନିମନ୍ତେ ମଧ୍ୟ ଅଗ୍ରାଧିକାର ଦିଆଯାଇଛି । ପ୍ରକଳ୍ପ ଅନ୍ତର୍ଗତ ବାସଗୃହ ଛାତରୁ ବର୍ଷା ଜଳ ପାଇପ୍ ଯୋଗେ ଗୃହ ନିକଟରେ ଥିବା ପିଟରେ ପଡ଼ିଥାଏ , ତେଣୁ ଏହି ପାଣି ବାହାରକୁ ବହି ନଯାଇ ମାଟି ତଳକୁ ଯିବା ସହ ସେଠାରେ ଭୂତଳ ଜଳ ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ପ୍ରକଳ୍ପ ସହ ଶ୍ରମ ନିୟୋଜନ ଭିତିକ କାର୍ଯ୍ୟକ୍ରମ 'ମୁଖ୍ୟମନ୍ତ୍ରୀ କର୍ମ ତପୁର ଅଭିଯାନ' (ମୁକ୍ତା) କୁ ଯୋଡ଼ାଯାଇ ସ୍ଥାନୀୟ ମିଶନ୍ ଶକ୍ତି ଗୋଷ୍ଠୀ ତଥା ବସ୍ତି ବାସିନ୍ଦା ସଂଘ ସଦସ୍ୟଙ୍କ କର୍ମନିଯୁକ୍ତି ଦିଆଯାଉଛି ।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଫଳ ଓ ପନିପରିବା ଚାରା ଏବଂ ବିହନ ବଂଟନ ନେଇ ସମୀକ୍ଷା

ଭୁବନେଶ୍ୱର,୨୭/୦୭ (ନି.ପ୍ର): ପରିବାରରେ ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ହିତାଧିକାରୀ ପରିବାରବର୍ଗଙ୍କୁ ପନିପରିବା ଚାରା ଓ ବିହନ ବଂଟନ ସଂପର୍କରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଭବନଠାରେ ଆୟୋଜିତ ବୈଠକରେ ରାଜ୍ୟରେ ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ପରିବାରର ଖାଦ୍ୟ ତାଲିକାରେ ପନିପରିବା ଓ ଫଳମୂଳ ସାମିଲ କରାଯିବାର ଆବଶ୍ୟକତା ଦୃଷ୍ଟିରୁ ଚିହ୍ନଟ ହିତାଧିକାରୀ ପରିବାରକୁ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ପନିପରିବା ଚାରା ଓ ବିହନ ଯୋଗାଇ ଦିଆଯିବା ନିମନ୍ତେ ପଦକ୍ଷେପ ନିଆଯାଉଛି । ମିଶନ ଶକ୍ତି ପକ୍ଷରୁ ଜିଲ୍ଲାରେ ଚିହ୍ନଟ ହୋଇଥିବା ପରିବାରକୁ ଚାରା ଓ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଜିଲ୍ଲାର ମୃତ୍ତିକା ଓ ଜଳବାୟୁ ଅନୁରୂପ ଯେଉଁସବୁ ଫଳ ଓ ପନିପରିବା ଚାରା ଉତ୍ପାଦନ କରାଯାଇପାରିବ ତାହାକୁ ଜିଲ୍ଲାସ୍ତରରେ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ମିଶନ ଶକ୍ତି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ସମନ୍ୱୟରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚିହ୍ନଟ ହିତାଧିକାରୀ ପରିବାର ବର୍ଗଙ୍କୁ ଏହା ବଂଟନ କରାଯିବ । ହିତାଧିକାରୀ ପରିବାରକୁ ଅମୃତଭଣ୍

ଶିଶୁ ସାହିତ୍ୟିକ ଚକ୍ରଧର ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ

ବାସୁଦେବପୁର, ୨୭/୦୭ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଚକ୍ରଧର ବେହେରାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଓ ସ୍ମୃତି ଚାରଣ ସଭା ସିମୁଳିଆ ବ୍ଲକର ବାଟି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । କବି ଡକ୍ଟର ଭରତ ବେହେରାଙ୍କ ସଭାପତିତ୍ୱରେ ଏହି ଉତ୍ସବ ରେ ଅତିଥିଭାବେ ଯୋଗଦେଇଥିଲେ ଶିକ୍ଷାବିତ ଡକ୍ଟର ବାସୁଦେବ ଦାସ, କବି ଇଂ ଅଭୟ ସୁତାର, ସାହିତ୍ୟିକ କୀର୍ତ୍ତନ ବିହାରୀ ଦାସ, କବି ଦୁର୍ଯ୍ୟୋଧନ ମଲ୍ଲିକ, ରାଜାରାମ ବେହେରା, ସମାଜସେବୀ ଗୋକୁଳାନନ୍ଦ ମିଶ୍ର । ସମସ୍ତ ଅତିଥି ସ୍ୱର୍ଗତ ବେହେରାଙ୍କ ସାହିତ୍ୟ ଓ ଶିକ୍ଷକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ଅବସରରେ ସ୍ମରଣିକା ସମୟ ଚକ୍ରରେ ଚକ୍ରଧର ଉନ୍ମୋଚିତ ହୋଇଥିଲା । ଏହି ସଭାରେ ଶିକ୍ଷାବିତ ପଦ୍ମଲୋଚନ ଦାଶ, କବି ଗୋଲକ ବୈୟାରୀ, ଗୀତାରାଣୀ ଆଇଚ, ରୁପା ଥାଳିଆ ର ସମ୍ପାଦକ ନିରଞ୍ଜନ ପ୍ରସାଦ ବାରିକ, କବି ତପନ ମିତ୍ର, ଶରତ ନାୟକ, ମହେଶ୍ୱର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାଳିକ, ମୁକୁନ୍ଦଦେବ ନାୟକ, କବି ମନୋରଞ୍ଜନ ମୁଦୁଲି ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ସ୍ୱର୍ଗତ ବେହେରାଙ୍କ କନିଷ୍ଠ ପୁତ୍ର ଚନ୍ଦନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅଚିନ୍ତ୍ୟ ବେହେରା ଧନ୍ୟବାଦ ଦେଇଥିଲେ । ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ଓ ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

ଖବରକାଗଜ ବିତରକଙ୍କୁ ରେନକୋଟ ବଣ୍ଟନ

ବାଲେଶ୍ୱର,୨୭/୦୭ (ନି.ପ୍ର): ସାଇ ଦେବରାଜ ଏଜେନ୍ସି ପକ୍ଷରୁ ଖବରକାଗଜ ବିତରକଙ୍କୁ ବୁଧବାର ରେନକୋଟ ପ୍ରଦାନ କରାଯାଇଛି । ବାଲେଶ୍ୱର ରେଲୱେ ଇନଷ୍ଟିଚ୍ୟୁଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଓ ଉପାଧ୍ୟକ୍ଷ କୌଳାସ ସେଠୀ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ଅବଦୁଲ ସାକିର ଖାନ, ସାମ୍ବାଦିକ ଅସୀମ ମହାପାତ୍ର, ଖବରକାଗଜ ବିତରକ ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଯୋଗେନ୍ଦ୍ର ତପସୀ ପ୍ରମୁଖ ଏଥିରେ ଯୋଗଦେଇ ସାଇ ଦେବରାଜ ଏଜେନ୍ସିର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଖରାବର୍ଷା ଶୀତ କାକରରେ ଘରେ ଘରେ ଖବର କାଗଜ ପହଂଚାଉଥିବା ବିତରକଙ୍କ ପାଇଁ ଏହା ବେଶ ଉପାଦେୟ ହୋଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ଅତିଥିମାନେ କହିଥିଲେ।ଏହି ଅବସରରେ ଶହେରୁ ଊର୍ଦ୍ଧ୍ୱ ବିତରକଙ୍କୁ ରେନକୋଟ ବଣ୍ଟନ କରାଯାଇଥିଲା । ସାଇ ଦେବରାଜ ଏଜେନ୍ସିର ମୁଖ୍ୟ ଧୀରେନ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ହେଲେ ରାଧେଶ୍ୟାମ ବାରିକ ଓ କରିସ୍ମା ମହାକୁଡ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ରାଜ୍ୟ ସଂପାଦକ ଭାବେ ରାଧେଶ୍ୟାମ ବାରିକ (ସମ୍ବଲପୁର) ଓ କରିଶ୍ମା ମହାକୁଡ (ରାଇରଙ୍ଗପୁର) ଏବଂ ରାଜ୍ୟ ସଂଯୋଜକ (କ୍ରୀଡା ଓ ପ୍ରଶିକ୍ଷଣ) ଭାବେ ବିନୟ କୁମାର ରାଉତ (ଭୁବନେଶ୍ୱର) ଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

ସଂପର୍କୀୟ ନାବାଳିକାକୁ ବଳତ୍କାର

ନୀଳଗିରି, ୨୭/୦୭ (ନି.ପ୍ର): ଆଜିର ଏହି କଳୁଷିତ ସମାଜରେ ବିଭିନ୍ନ ସଂପର୍କର ସେତୁ ବନ୍ଧକୁ ଡେଇଁ କାମନାର ବଶବର୍ତ୍ତୀ ହୋଇ ନିଜର ଦେହ ମନର ତାତିକୁ ପ୍ରସମିତ କରିବା ପାଇଁ ଶେଷରେ ବଳତ୍କାର କରିବାକୁ ପଛାଉନାହାନ୍ତି । ସଂପର୍କୀୟା ନାବାଳିକା ଭଉଣୀକୁ ବଳତ୍କାର କରିବା ପାଇଁ ଆଗେଇ ଆସିଛି ଭାଇ । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ଧୋବଶିଳା ପଂଚାୟତର ଆଗିରିଆ ଗ୍ରାମର ଜନୈକ ସଂପର୍କୀୟା ନାବାଳିକାକୁ ଉକ୍ତ ଗ୍ରାମର ଶ୍ୟାମ ସିଂ ର ପୁଅ ଜଗନ୍ନାଥ ସିଂ (୨୮) ଗତ ତା.୨୫.୦୭.୨୨ରିଖ ରାତି ପ୍ରାୟ ୩ଟା ସମୟରେ ନାବାଳିକା କନ୍ୟାଟି କାନ୍ଦି କାନ୍ଦି ଘରେ ଥିବା ଜେଜେଙ୍କୁ କହିଥିଲା । ସକାଳେ ଗ୍ରାମବାସୀମାନେ ଘଟଣା ବବାଦରେ ଅଭିଯୁକ୍ତ ଜଗନ୍ନାଥକୁ ପଚାରିବାରୁ ଘଟଣାରେ ସଂପୃକ୍ତି ନ ଥିବାର ପ୍ରକାଶ କରିଥିଲା । ଏ ନେଇ ନାବାଳିକାର କକା ନୀଳଗିରି ଥାନାରେ ଏତଲା ଦେବା ପରେ ନୀଳଗିରି ଥାନାର ଆଇ.ଆଇ.ସି. ଗୋପାଳଚନ୍ଦ୍ର କର୍ଣ୍ଣ ଘଟଣାକୁ ଗୁରୁତ୍ୱ ଦେଇ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏ ନେଇ ନୀଳଗିରି ଥାନାରେ ୨୨୮ ନଂ. ମାମାଲା ରୁଜୁ ହୋଇଥିବା ଜଣାପଡ଼ିଛି ।

ଅରମାସ୍ ଦ୍ୱାରା ଆୟୋଜିତ ନିଯୁକ୍ତି ଭିତ୍ତିକ ବ୍ଲକସ୍ତରୀୟ ପରାମର୍ଶ ଶିବିର

ଜଳେଶ୍ୱର, ୨୭/୭ (ନି.ପ୍ର): କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବେକାର ଓ ଅଧାରୁ ପାଠ ଛାଡିଥିବା ଯୁବକ/ଯୁବତୀ ମାନଙ୍କୁ ନିଯୁକ୍ତି ଯୋଗାଇବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ହାତକୁ ନେଇଛନ୍ତି । ଅରମାସ ଦ୍ୱାରା ଏହି ଯୁବକ/ଯୁବତୀ ମାନଙ୍କ କୌଶଳ ବିକାଶ କରି ସେମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ରାଜ୍ୟର ବିଭିନ୍ନ ପ୍ରତିଷ୍ଠାନ ମାନଙ୍କ ଦ୍ୱାରା ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଥିବା ଜଣାଯାଇଛି । ଆଜି ଓର୍‌ମାସର ଜିଲା ପ୍ରଶାସନ ଓ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଅନୁଷ୍ଠିତ ପରାମର୍ଶ ଶିବିର ଜଳେଶ୍ୱରସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜିକା ମଧୁମିତା ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଯୋଗ ଦେଇ ଗ୍ରାମାଂଚଳର ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରାଇଲେ ସମାଜରେ ପ୍ରଗତି ସମ୍ଭବ ହୋଇ ପାରିବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ସ୍ମୃତି ରଂଜନ ମଲ୍ଲିକ, ଅର୍‌ମାସର ଜିଲା ସଂଯୋଜକ ଆଲିନ୍‌ବିନ୍ଦୁ ରାଉତରାୟ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବେକାର ଯୁବକ/ଯୁବତୀ ମାନେ ଏହି କାର୍ଯ୍ୟକ୍ରମରେ ଅଧିକାରୁ ଅଧିକ ସଂଖ୍ୟାରେ ଯୋଗ ଦେଇ ନିଜର ତଥା ସମାଜର ଉନ୍ନତି ଲାଗି କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ମୋଟ ୨୩୫ଜଣ ପଂଜିକରଣ କରିଥିବା ବେଳେ ୧୭୮ଜଣ କୌଶଳ ବିକାଶ ଲାଗି ନାମ ପଂଜିକରଣ କରିଥିଲେ । ଏଡୁଜବ୍, ଏଚ୍‌ଏଲ୍‌ପିପିଟି, ନିୟମ, ସିଂକ୍ରସ୍କ୍ରାପ ଓ ବିବିଜି ଇଣ୍ଡିଆ ଲିମିଟେଡ୍‌ର ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପାଠ୍ୟକ୍ରମ ଓ ନିଯୁକ୍ତି ସଂପର୍କରେ ଆଲୋକପାତ କରିଥିଲେ ।

ସଭାପତି ଭାବେ ଦାୟିତ୍ୱ ନେଲେ ଶରତ

ବାସୁଦେବପୁର, ୨୭/୦୭ (ନି.ପ୍ର): ବାସୁଦେବପୁର ସେବା ସମବାୟ ସମିତିର ସଭାପତି ଭାବେ ଶରତ ବାରିକ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟଭାର ନେବା ପରେ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନୂଆ ଦାୟିତ୍ୱ ନେବା ସମୟରେ ସୋସାଇଟି ର ସମ୍ପାଦକ ତନ୍ମୟ ମଲ୍ଲିକ,କୋପରେଟିଭ ବ୍ୟାଙ୍କ ମ୍ୟାନେଜର ମହେନ୍ଦ୍ର ନାୟକ ଉପସ୍ଥିତ ଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଚାଷୀ ମାନଙ୍କର ଉନ୍ନତି ପାଇଁ ଚେଷ୍ଟା କରିବି ଓ ଚାଷୀ ଭାଇ ଭଉଣୀ ମାନଙ୍କ ର ଯାହା କିଛି ସମସ୍ୟା ଥିବ ତାକୁ ଠିକ ଭାବେ ବୁଝାଯିବ ବୋଲି ସଭାପତି ଶରତ ବାରିକ ପ୍ରକାଶ କରିଥିଲେ । ବିଜେଡି ଯୁବ ଜନତାର ଉପସଭାପତି ଶଶୀ ଭୂଷଣ ବାରିକ,ଭାଇସ ଚେୟାରମ୍ୟାନ ଉତ୍ତମ ବାରିକ,ଗୌତମ ବେହେରା, ମଧୁସୂଦନ ପାତ୍ର, ସୌମ୍ୟ ଶଙ୍କର ମଲ୍ଲିକ,ଆଲୋକ ବାରିକ, ମନୋଜ ବାରିକ, ଟୁକୁନା ମହାନ୍ତି, ସୀତା ରାମ ବେହେରା, ରମାକାନ୍ତ ଜେନା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

କର୍ମଚାରୀ ଚୟନ ପାଇଁ ଶାରିରୀକ ମାପ ଓ ଦକ୍ଷତା ପରୀକ୍ଷା କାର୍ଯ୍ୟକ୍ରମ ଶେଷ

ଭଦ୍ରକ, ୨୭/୦୭ (ନି.ପ୍ର): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗଙ୍କ ଦ୍ୱାରା ପରିଚାଳିତ ଯୁଗ୍ମ ନିଯୁକ୍ତି ପରୀକ୍ଷା-୨୦୨୧ରେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ଶାରିରୀକ ମାପ ଓ ଦକ୍ଷତା ପରୀକ୍ଷା ନେଇ ସ୍ଥାନୀୟ ନେହେରୁ ଷ୍ଟାଡିୟମରେ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ କି ଗତକାଲି ଜୁଲାଇ ୨୬ରେ ପ୍ରଥମ ଦିନ ଅବକାରୀ କନେଷ୍ଟବଳ ପଦବୀ ପାଇଁ ୨୮ ଜଣ ପୁରୁଷ ଓ ୧୧ ଜଣ ମହିଳା ସମୁଦାୟ ୩୯ ଜଣ ପରୀକ୍ଷାର୍ଥୀ ଯୋଗ ଦେଇଥିଲେ । ଶାରିରୀକ ମାପରେ ପୁରୁଷ ୨୧ ଓ ମହିଳା ୬ ସମୁଦାୟ ୨୭ ଜଣ କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କ ଲାଗି ଉଦ୍ଦିଷ୍ଟ ଦୌଡ଼ କାର୍ଯ୍ୟକ୍ରମରେ ୧୩ ଜଣ ପୁରୁଷ ଓ ୧ ଜଣ ମହିଳା ଅଂଶଗ୍ରହଣ କରିଥିଲେ ବି ଜଣେ ହେଲେ କୃତକାର୍ଯ୍ୟ ହୋଇପାରି ନଥିଲେ । ଏହି ଦୌଡ଼ରେ ୬ ମିନିଟ୍‌ରେ ୧ କି:ମି: ୬୦୦ ମିଟର ଦୌଡ଼ିବାର ଥିଲା । ଶାରିରୀକ ମାପରେ କୃତକାର୍ଯ୍ୟ ହୋଇଥିବା ୮ ଜଣ ପୁରୁଷ ଓ ୫ ଜଣ ମହିଳା ଦୌଡ଼ରେ ଆଦୌ ଭାଗ ନେଇ ନଥିଲେ । ତେଣୁ ଏଥିରେ ପରବର୍ତ୍ତୀ ଶାରିରୀକ ଦକ୍ଷତା ପରୀକ୍ଷା ପାଇଁ ଥିବା ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସନ୍ତରଣ, ଦଉଡ଼ିରେ ଚଢ଼ିବା, ମହିଳାଙ୍କ ପାଇଁ ସାଇକେଲ ଚାଳନା ଆଦି କାର୍ଯ୍ୟକ୍ରମ କରାଇବାର ଆବଶ୍ୟକତା ପଡ଼ିନଥିଲା । ସେହିପରି ଆଜି ଫରେଷ୍ଟ ଗାର୍ଡ ପାଇଁ ଅନୁଷ୍ଠିତ ସ୍ୱାସ୍ଥ୍ୟଗତ ପରୀକ୍ଷା ପରେ ଚାଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୁଷ ମାନଙ୍କ ପାଇଁ ୪ ଘଣ୍ଟା ମଧ୍ୟରେ ୨୫ କି.ମି. ଓ ମହିଳାଙ୍କ ପାଇଁ ୪ ଘଣ୍ଟା ମଧ୍ୟରେ ୧୬ କି.ମି. ଚାଲିବା ଆବଶ୍ୟକ ଥିଲା । ଏଥିରେ ଅଂଶଗ୍ରହଣ କରିଥିବା ୩୦ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରେ ୨୧ ଜଣ କୃତକାର୍ଯ୍ୟ ହୋଇଥିଲାବେଳେ ୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି ।

ଉଜ୍ଜଳ ଭାରତ-ଉଜ୍ଜଳ ଭବିଷ୍ୟତ କାର୍ଯ୍ୟକ୍ରମରେ ସାଂସଦଙ୍କୁ ଉପେକ୍ଷା : ବିଜେପିର ପ୍ରତିବାଦ

ଜଳେଶ୍ୱର, ୨୭/୭(ନି.ପ୍ର): ଜଳେଶ୍ୱର ହାଇସ୍କୁଲ ପରିସରରେ ଟାଟା ପାୱାର, ବିଦ୍ୟୁତ୍ ବଣ୍ଟନ ଓ ଗ୍ରୀଡ ପକ୍ଷରୁ ଆଜାଦିକା ଅମ୍ରିତ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବାଲେଶ୍ୱର ସାଂସଦଙ୍କୁ ଉପେକ୍ଷା କରାଯାଇଥିବାରୁ ଏଥିରେ ବିଜେପି କ୍ଷୋଭ ପ୍ରକାଶ କରିଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଓ ପୌର ଅଧ୍ୟକ୍ଷ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସାଂସଦଙ୍କୁ ଉପେକ୍ଷା ଦୁଃଖ ଦାୟକ । ସମଗ୍ର ଦେଶରେ ଏପରି କାର୍ଯ୍ୟକ୍ରମରେ ସାଂସଦ ମୁଖ୍ୟ ଅତିଥିଭାବେ କାର୍ଯ୍ୟ ତୁଲାଇ ଆସୁଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବିଦ୍ୟୁତ୍ ବିଭାଗ ଏହାର ବ୍ୟତିକ୍ରମ କରିଛି । ଏପରି ଘଟଣାରେ ବିଜେପି ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା ଅରୁଣ ବେଜ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ନଗର ସଂପାଦିକା ସୁମତି ରଣା, ମହିଳା ସଭାନେତ୍ରୀ ଦେବଯାନୀ ଅଣ୍ଡିଆ, ଯୁବମୋର୍ଚ୍ଚା ଜିଲା ସଂପାଦକ ରାମକୃଷ୍ଣ ସାହୁ ପ୍ରମୁଖ ଏପରି ଘଟଣାରେ ପ୍ରତିବାଦ କରି ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଗୋପିନାଥପୁର ସେବା ସମବାୟ ସମିତିରେ ଉପସଭାପତି ଭାବେ ରବିନ୍ଦ୍ର ପାତ୍ର ନିର୍ବାଚିତ

ନୀଳଗିରି, ୨୭/୦୭ (ନି.ପ୍ର): ଗୋପିନାଥପୁର ସେବା ସମବାୟ ସମିତିରେ ନିର୍ଦ୍ୱନ୍ଦରେ ରବିନ୍ଦ୍ର ପାତ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସମବାୟ ସମିତିରେ ୧୫ଟି ଜୋନରୁ ୧୪ଟି ଜୋନରେ ବିଜେପି ସମର୍ଥନରେ ୧୪ଜଣ ବିଜୟ ଲାଭ କରିଥିବା ବେଳେ ସଭାପତି ଭାବେ ସୁଚିସ୍ମିତା ବେହେରା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ରବିନ୍ଦ୍ର ପାତ୍ର ନିର୍ଦ୍ୱନ୍ଦରେ ଉପସଭାପତି ଭାବେ ନିର୍ବାଚିତହୋଇଛନ୍ତି । ଏହି ଅବସରରେ ସଭାପତି ସମେତ ସମସ୍ତ ବିଜୟୀ ସଭ୍ୟ/ସଭ୍ୟାମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏନ.ଏ.ସି. ର ପୂର୍ବତନ ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ ନବନିର୍ବାଚିତ ଉପସଭାପତିଙ୍କୁ ପୁଷ୍ପଗୁଚ୍ଛରେ ସ୍ୱାଗତ ଜଣାଇଥିଲେ ।

୧୫ ତମ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇ ୧୫ଟି ନିମ୍ବ ଚାରା ରୋପଣ

ବାରିପଦା, ୨୭/୦୭ (ନି.ପ୍ର): ସ୍ଥାନୀୟ ପୂର୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କ୍ଷେତ୍ରପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସହ ନିମ ପରିବାରର ସଦସ୍ୟ ଦେଶର ୧୫ ତମ ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ ସମ୍ମାନ ଜଣାଇ ଆଜି ୧୫ଟି ନିମ୍ବ ଚାରା ରୋପଣ କରିଛନ୍ତି । ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ସାରା ଜିଲ୍ଲାରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିବା ବେଳେ ନିମ ପରିବାରର ସଦସ୍ୟ ମାନେ ଅଭିନବ ଉପାୟରେ ତାଙ୍କ ନାଁରେ ୧୫ ଟି ନିମ୍ବ ଚାରା ରୋପଣ କରି ଅଭିନନ୍ଦନ ଜଣାଇଛନ୍ତି । ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଙ୍କ ଗହଣରେ ନିମ ପରିବାରର ସୋମନାଥ ସିଂହ, ଅଜିତ କବାଟ, ବିଜୟ ଲକ୍ଷ୍ମୀ ନାୟକ, ଅଭିଷେକ ଯାଦବ, ଉତ୍ତମ ମହାକୁଡ଼, ହର୍ଷ ଖଣ୍ଡେଲୱାଲ, ସଞ୍ଜୟ ସିଂହ, ଋଷି ନାଏକ, ସରୋଜ କୁମାର ସାବତ, ବିନୋଦ ରାମ ତଥା ସମ୍ପାଦକ ବିମ୍ବାଧର ସାହୁ ଚାରା ରୋପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ସରିଲା ଜେରା : ୧୨ ଘଣ୍ଟାରେ....

ଇଡି କହିଛି ଯେ ଏଜେଏଲର ପ୍ରାୟ ୮୦୦ କୋଟି ଟଙ୍କାର ସମ୍ପତ୍ତି ବେଆଇନ ଭାବେ ୟଙ୍ଗ ଇଣ୍ଡିଆନ ଦଖଲ କରିଛି । ଆୟକର ବିଭାଗର କହିବା କଥା ଏଜେଏଲର ସମ୍ପତ୍ତି ୟଙ୍ଗ ଇଣ୍ଡିଆନର ଶେୟାର ହୋଲ୍ଡର୍ସମାନଙ୍କର ବୋଲି ବିଚାର କରିବାକୁ ପଡ଼ିବ । ଏହାର ଅର୍ଥ ରାହୁଲ ଓ ସୋନିଆ ଏହି ସମ୍ପତ୍ତି ଉପରେ ଟିକସ ଦେବା କଥା । ହେଲେ ସେମାନେ ଟିକସ ଫାଙ୍କିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ କହିଛି ଯେ "କୌଣସି ପ୍ରକାରର ଭୁଲ କାମ ହୋଇନି । ୟଙ୍ଗ ଇଣ୍ଡିଆନ ଗୋଟିଏ ଲାଭ ଜନକ ସଂସ୍ଥା ନୁହେଁ । ତେଣୁ ମନି ଲଣ୍ଡରିଂର ପ୍ରଶ୍ନ ହିଁ ଉଠୁନି ।" ଏହି ସବୁ ବିବାଦକୁ ନେଇ ସୋନିଆ ଓ ରାହୁଲଙ୍କୁ ଇଡି ଜେରା କରିଛି । ଆଜି ମଧ୍ୟାହ୍ନ ପ୍ରାୟ ୧୧.୧୫ରେ ସୋନିଆ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଜେରା ଆରମ୍ଭ କରାଯାଇଥିଲା । ଜେଡ୍? ପ୍ଲସ ସୁରକ୍ଷା ଓ ଝିଅ ପ୍ରୟଙ୍କା ଗାନ୍ଧି ଭଦ୍ରାଙ୍କ ସହ ସୋନିଆ ଇଡି କାର୍ଯ୍ୟାଳୟ ଭିତରୁ ଯାଇଥିଲେ । ପ୍ରିୟଙ୍କା ମେଡିସିନ ଧରି ବସି ରହିଥିଲେ । ସେହିପରି ମେଡିକାଲ ଟିମକୁ ଷ୍ଟାଣ୍ଡବାଏରେ ବି ରଖାଯାଇଥିଲା ।

ପ୍ରକାଶ ପାଇଲା ଓଜେଇଇ....

ଶୁଭଶ୍ରୀ ହୋତା ଟପ୍ପର ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୪ ତାରିଖରୁ ୮ ତାରିଖ ମଧ୍ୟରେ କମ୍ପ୍ୟୁଟର ବେସଡ୍ ଟେଷ୍ଟ ମାଧ୍ୟମରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ୫୭,୮୯୮ ଛାତ୍ରଛାତ୍ରୀ ଓଜେଇଇ ପାଇଁ ପଂଜୀକରଣ କରିଥିବା ବେଳେ ୪୭,୭୬୧ (୮୨.୫%) ପରୀକ୍ଷା ଦେଇଥିଲେ । ୪୭,୭୨୯ ଛାତ୍ରଛାତ୍ରୀଙ୍କୁ ର୍ୟାଙ

ବାଲେଶ୍ୱର, ଗୁରୁବାର, ୨୮ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୧୧୭୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୯୦୮୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୫୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୨୮୮୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୧୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୮୮ ଜଣ ସଂଗରୋଧରୁ ଓ ୪୮୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩, ବାଲେଶ୍ୱର ଜିଲ୍ଲାରେ ୧୬, ବରଗଡ ଜିଲ୍ଲାରେ ୨୩, ଭଦ୍ରକ ଜିଲ୍ଲାରେ ୭, ବଲାଙ୍ଗୀର ଜିଲ୍ଲାରେ ୩୨, ବୌଦ୍ଧ ଜିଲ୍ଲାରେ ୪, କଟକ ଜିଲ୍ଲାରେ ୬୩. ଦେବଗଡ, ଜିଲ୍ଲାରେ ୯, ଢେଙ୍କାନାଳ ଜିଲ୍ଲାରେ ୫, ଗଜପତି ଜିଲ୍ଲାରେ ୫ , ଗଂଜାମ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୧୧, ଯାଜପୁର ଜିଲ୍ଲାରେ ୧୬, ଝାରସୁଗୁଡା ଜିଲ୍ଲାରେ ୧୩ . କଳାହାଣ୍ଡି ଜିଲ୍ଲାରେ ୧୯, କନ୍ଧମାଳ ଜିଲ୍ଲାରେ ୨୮, କେନ୍ଦ୍ରାପଡା ଜିଲ୍ଲାରେ ୫, କେନ୍ଦୁଝର ଜିଲ୍ଲାରେ ୧୦, ଖୋର୍ଧା ଜିଲ୍ଲାରେ ୩୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୬, ମାଲକାନଗିରି ଜିଲ୍ଲାରେ ୧, ମୟୁରଭଂଜ ଜିଲ୍ଲାରେ ୮୭ , ନବରଂଗପୁର ଜିଲ୍ଲାରେ ୧୬, ନୟାଗଡ ଜିଲ୍ଲାରେ ୨୫, ନୂଆପଡା ଜିଲ୍ଲାରେ ୯, ପୁରୀ ଜିଲ୍ଲାରେ ୮, ରାୟଗଡା ଜିଲ୍ଲାରେ ୧୨, ସମ୍ବଲପୁର ଜିଲ୍ଲାରେ ୮୯, ସୋନପୁର ଜିଲ୍ଲାରେ ୧୪, ସୁନ୍ଦରଗଡ ଜିଲ୍ଲାରେ ୨୬୧ ଓ ଷ୍ଟେଟ ପୁଲରେ ୪୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

୨ୟ ବିଶ୍ୱଯୁଦ୍ଧର ୧୪ ଜଣ ଶହୀଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଂଜଳି

ବାରିପଦା, ୨୭/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାସଗୋବିନ୍ଦପୁର ଠାରେ ଥିବା ୨ୟ ବିଶ୍ୱଯୁଦ୍ଧ ବେଳର ଏୟାରଷ୍ଟ୍ରିପରେ ୧୯୪୫ ମସିହାରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣାରେ ଶହୀଦ ହୋଇଥିବା ୧୪ ଜଣ ଏୟାରମ୍ୟାନ ଙ୍କୁ ପ୍ରତି ବର୍ଷ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପରେ ସ୍ମୃତିଚାରଣ କରାଯାଇଥାଏ । ସୂଚନା ମୁତାବକ ୧୯୪୫ ମସିହା ଜୁଲାଇ ମାସ ୨୬ ତାରିଖ ଦିନ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପରୁ ଉଡାଣ ଭରିଥିବା ଦୁଇଟି ବିମାନ ୫୦କିମି ଦୂର ଯିବା ପରେ ବିଲଦା ଠାରେ ଦୁର୍ଘଟଣାଗ୍ରସ୍ତ ହେଇଥିଲା । ଏଥିରେ ଥିବା ୧୪ଜଣ ଏୟାରମ୍ୟାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହି ୧୪ ଜଣଙ୍କ ମଧ୍ୟରୁ ଜଣେ ଭାରତୀୟ ମଧ୍ୟ ଥିଲେ । ଏହି ଦୁଇଟି ବିମାନ ଏୟାର ଫାଇଟିଂ ଟ୍ରେନିଂ ୟୁନିଟର ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୦ ମସିହାରେ ରାସଗୋବିନ୍ଦପୁର ବିମାନ ଘାଟି ଏସିଆର ସର୍ବବୃହତ ରନୱେ ଥିବା ଏୟାରଷ୍ଟ୍ରିପ ଥିଲା । ସେତେବେଳେ ଇଂରେଜ ସରକାର ଦ୍ୱାରା ଏହା ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ଏହି ଏୟାରଷ୍ଟ୍ରିପରୁ ଉଡାଣ ଭରିଥିଲା ଏହି ଦୁଇଟି ବିମାନ । ତେବେ ସେଇ ୧୪ ଜଣଙ୍କୁ ଶ୍ରଦ୍ଧା ଅର୍ପଣର ସ୍ମାରକୀ ସ୍ୱରୂପ ଓଡିଶା ଇତିହାସରେ ଜଡ଼ିତ ଥିବା ଏହି କଥାବସ୍ତୁକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରତ୍ୟେକ ବର୍ଷ ଜୁଲାଇ ୨୬ ତାରିଖ ଦିନ ଶହୀଦ ଏୟାରମ୍ୟାନ ମାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥାଏ । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ଗବେଷଣାରତ ଐତିହାସିକ ତଥା ପାଇଲଟ ଅନିଲ ଧୀର ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ଆଦିତ୍ୟ ପଟ୍ଟନାୟକଙ୍କ ସହଯୋଗ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସର ରେ ଆଜି କଲିକତାର କଲେଇକୁଣ୍ଡା ବିମାନ ଘାଟିରୁ ଏକ ସ୍ୱତନ୍ତ୍ର ଏୟାରଫୋର୍ସ ହେଲିକ୍ୟାପ୍ଟରରେ ଟ୍ରୁପ କମାଣ୍ଡର ରଣ ସିଂ ପହଂଚି ଥିବା ବେଳେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରାଜକିଶୋର ଦାସ ଯୋଗଦେଇ ଶହୀଦ ମାନଙ୍କର ସ୍ମୃତିଚାରଣ କରିବା ସହିତ ଫୋଟଚିତ୍ର ରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ଏହି ଅବସର ରେ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ,ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଜଣାଇଥିଲେ । ଏହି ଅବସରରେ ଉକ୍ତ ଏୟାରଷ୍ଟ୍ରିପ ସହିତ ଜଡିତ ବିଭିନ୍ନ ତଥ୍ୟ କୁ ନେଇ ଶାନ୍ତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ପାଇଁ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ଆଦିତ୍ୟ ପଟ୍ଟନାୟକ ଜମୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ବେଳେ ମୋରଡା ବିଧାୟକ ରାଜକିଶୋର ଦାସ ସଂଗ୍ରହାଳୟ ଗୃହ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ କଲିକତା ର କଲେଇକୁଣ୍ଡା ବିମାନ ଘାଟିରୁ ଆସିଥିବା ଟ୍ରୁପ କମାଣ୍ଡର ରଣ ସିଂ ତାଙ୍କ ବକ୍ତବ୍ୟରେ ୨ୟ ବିଶ୍ୱଯୁଦ୍ଧ ସମୟର ଘଟଣାବଳି ବିଷୟରେ ଆଲୋଚନା କରିବା ସହ ଏଠାରେ ମ୍ୟୁଜିୟମ ପ୍ରତିଷ୍ଠା ସମ୍ପର୍କରେ ଜାଣି ବେଶ ଖୁସି ହୋଇଥିବା କହିଛନ୍ତି ।

ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷଚାରା ରୋପଣ

ବାଲେଶ୍ୱର,୨୭/୦୭ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସୋମନାଥପୁର ସ୍ଥିତ ନୋସି ରେଲୱେ ସାଇଡିଂରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଭିନ୍ନ ପ୍ରକାର ମୂଲ୍ୟବାନ ବୃକ୍ଷ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା । ୨୦୨୨-୨୩ ରୋଗଟାରୀ ଗଭର୍ଣ୍ଣର ପ୍ରଭୁଦତ ସୁବୁଦ୍ଧି, ଜୋନାଲ ଚେୟାର ପର୍ସନ ସୁରେଶ ଚନ୍ଦ୍ର ସାହୁ, ସହ-ଗଭର୍ଣ୍ଣର ଅତନୁ ପାଳ, ଏଜିସିଏ ମାତୃଦତ ଦାସ, ବାଲେଶ୍ୱର ରୋଟାରୀ କ୍ଲବ ସଭାପତି ସୌରଭ ବେହେରା, ସମ୍ପାଦକ ସୁଖମୟ ଦାସ ଏଥିରେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରୋଟାରୀ ଇନରହୁଇଲ କ୍ଲବ, ରୋଟ୍ରାକ୍ଟ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉଦୟ ରଞ୍ଜନ ଦାସ, ସପନ ମହାପାତ୍ର, ଉମାକାନ୍ତ ମିଶ୍ର, ପ୍ରଜୟ ଡାଭେ, ରାମଚନ୍ଦ୍ର ଓଝା, ପ୍ରଭଞ୍ଜନ ପାଢ଼ୀ, ବିଷ୍ଣୁଦାସ କୁଣ୍ଡୁ, ଯଶୋଦା ନନ୍ଦନ ଆଶ, ପଦାରବିନ୍ଦ ମହାପାତ୍ର, ଜୟନ୍ତ ବେହେରା, ଅଜିତେଶ୍ୱର ମହାନ୍ତି, ସତୀଶ ଅଗ୍ରୱାଲ, କ୍ଷେତ୍ରମୋହନ ମହାପାତ୍ର, ଇଂ ଯୋଗେଶ ସାହା, କାର୍ତ୍ତିକ ବେହେରା, ଦେବାଶିଷ ଦାସ, ଡ. ଶ୍ରୀମାନ ଶ୍ରୀଚନ୍ଦନ, ସୁଜାତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଜେନା, ପ୍ରଦୀପ୍ତ ପଣ୍ଡା, ପ୍ରବାଳ ସିହ୍ନା, ସନ୍ତୋଷ ନାହକ ପ୍ରମୁଖଙ୍କ ସମେତ ସ୍ଥାନୀୟ ଲୋକେ ବୃକ୍ଷଚାରା ରୋପଣ କରିଥିଲେ ।

ସାମ୍ବାଦିକତାର କ୍ଷେତ୍ରକୁ ଅଧିକ ପ୍ରଭାବଶାଳୀ କରାଇବା ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ

ଉଦଳା, ୨୭/୦୭ (ନି.ପ୍ର): ସାମ୍ବାଦିକତାର କ୍ଷେତ୍ରକୁ ଅଧିକ ପ୍ରଭାବଶାଳୀ କରାଇବା ଓ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଉଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚ ତରଫରୁ ଉଦଳାସ୍ଥିତ ହୋଟେଲ ସିପ୍ରୋନ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଉଦଳାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ମାନଙ୍କ ସହିତ ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ଭୁବନେଶ୍ୱରରୁ ଆସିଥିବା ରୁଚିକାଶ୍ୟପ, ନବକିଶୋର ପୂଜାରୀ, ନିତ୍ୟାନନ୍ଦ ଥାନପତି, ମନୋଜ କୁମାର ସାମନ୍ତରାୟ, ଲକ୍ଷ୍ମୀଧର ସିଂ, ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । ଖବର କାଗଜରେ ପ୍ରକାଶିତ ସମ୍ବାଦକୁ ଫେସବୁକରେ ପୋଷ୍ଟ କରିବା, ଟୁଇଟ କରି ଅଧିକାରୀଙ୍କ ନଜରକୁ ଆଣିବା ଦ୍ୱାରା ସମ୍ବାଦଟି କିପରି ଅଧିକ ପ୍ରଭାବଶାଳୀ ହୋଇଥାଏ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜନଜାଗୃତି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ପ୍ରାରମ୍ଭରେ ସମସ୍ତଙ୍କର ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଓ ଆଜିର ଆଲୋଚନାର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଲାଲମୋହନ ବିନ୍ଧାଣୀ ଓ ଗୌତମ ମହାପାତ୍ର ସହଯୋଗ କରିଥିଲେ ।

ବରିଷ୍ଠ ନାଗରିକ ଜମାପୁଞ୍ଜି ସୁରକ୍ଷା ସଚେତନତା ଶିବିର

ବାଲେଶ୍ୱର,୨୭/୦୭ (ନି.ପ୍ର): ଜନବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସଞ୍ଚିତ ଅର୍ଥର ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ବ୍ୟାଙ୍କର ବାଲେଶ୍ୱର ଶାଖା ପରିଚାଳକ ତପନ ଘୋଷ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ସଚେତନତା ଅଭାବରୁ ବରିଷ୍ଠ ନାଗରିକମାନେ କିପରି ଠକେଇର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ଦୃଷ୍ଟାନ୍ତ ସହ ଉପସ୍ଥାପନ କରିଥିଲେ । ଗ୍ରାହକଙ୍କୁ କୌଣସି ବ୍ୟାଙ୍କ ଟେଲିଫୋନ୍ ଯୋଗେ କେବେ ସେମାନଙ୍କ ସୂଚନା ମାଗେନାହିଁ ବୋଲି ଶ୍ରୀ ଘୋଷ କହିଥିଲେ । ଅତଏବେ ଟେଲିଫୋନ କଲକୁ ଅଗ୍ରାହ୍ୟ କରିବାକୁ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଅତିଥି-ବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନେ ସେମାନଙ୍କ ପୁଞ୍ଜିନିବେଶ ପୂର୍ବରୁ କୌଣସି ସଂସ୍ଥା ସମ୍ପର୍କରେ ଭଲଭାବେ ଅବଗତ ହେବା ଉଚିତ ବୋଲି ମତ ଦେଇଥିଲେ ।୨୭/୦୭ (ନି.ପ୍ର):

ସଙ୍ଗୀତ କଳାକାର ସଂଘ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜଣାଇଲେ ଅଭିନନ୍ଦନ

ବାଲେଶ୍ୱର,୨୭/୦୭ (ନି.ପ୍ର): ବାଲେଶ୍ୱର ସଙ୍ଗୀତ କଳାକାର ସଂଘ ପକ୍ଷରୁ କଳାକାର ମିଳନ କାର୍ଯ୍ୟକ୍ରମ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ଭତିକ ଅଭିନନ୍ଦନ ପ୍ରଦାନ କରାଯାଇଛି । ସହରର ଶୋଭାରାମପୁରସ୍ଥିତ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇତିଲା । ଏଥିରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ଶତାଧିକ କଣ୍ଠଶିଳ୍ପୀ ଓ ବାଦ୍ୟକଳାକାର ଯୋଗଦେଇ ଗୀତ ମାଧ୍ୟମରେ ଓଡ଼ିଶାର ଗୌରବ ତଥା ମୟୂରଭଂଜ ମାଟିର କନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇଥିଲେ । ବାପୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ପୁଣି କୁଲଡିହା ଅଭୟାରଣ୍ୟରେ ହାତୀ ଛୁଆର ମୃତ୍ୟୁ

ନୀଳଗିରି, ୨୭/୦୭ (ନି.ପ୍ର): ୭ମାସରେ ୫ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଣି ଆଜି ଏକ ହାତୀଛୁଆର ମୃତ ଦେହକୁକୁ ବନ ବିଭାଗ ଠାବ କରିଥିବା ବେଳେ କୁଲଡିହା ବନ ବିଭାଗର ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଯଦି କ୍ରମାଗତ ଭାବେ ଏଭଳି ହାତୀଙ୍କ ମୃତ୍ୟୁ ଘଟେ, ତେବେ ଆଗାମୀ ଦିନରେ କୁଲଡିହା ଅଭୟାଣଣ୍ୟରୁ ହାତୀବଂଶ ଲୋପ ପାଇଯିବାର ଯଥେଷ୍ଟ ଆଶା ଓ ଆଶଙ୍କା ମଣିଛନ୍ତି ପରିବେଶବିତମାନେ । ବୁଧବାର ଦିନ କୁଲଡିହା ଅଭୟାରଣ୍ୟର ଚେମଚଟା ବିଟ୍ ହାଉସ ଅଧିନସ୍ଥ ଚେମଚଟା ଜଙ୍ଗଲରେ ୪ ରୁ ୫ବର୍ଷର ଏକ ହାତୀଛୁଆର ମରଶରୀରକୁ ପେଟ୍ରୋଲି ବେଳେ ବନକର୍ମଚାରୀମାନେ ଠାବ କରିଥିଲେ । ତେବେ ୪ ରୁ ୫ ଦିନ ତଳେଏହି ହାତିଛୁଆଟି ମରିଥିବା ତଦନ୍ତରୁ ଜଣାପଡ଼ିଛି । ପରେ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ଖବର ପାଇଲା ପରେ ଘଟଣା ବାବଦରେ ବାଲେଶ୍ୱର ଡି.ଏଫ.ଓ. ଆୟୁଷ ଜୈନକୁ ଜଣାଇଥିଲେ । ଡି.ଏଫ.ଓ. ଶ୍ରୀଯୁକ୍ତ ଜୈନ ସଂଗେ ସଂଗେ ଘଟଣାସ୍ଥଳରେ ପହଂଚି ମୃତ୍ୟୁର କାରଣ ପରଖିଥିଲେ । ଦନ୍ତା ଦନ୍ତା ହାତୀ ମଧ୍ୟରେ ଲଢ଼େଇ ଲାଗି ଛୁଆହାତୀଟିର ମୃତ୍ୟୁ ହୋଇଥିବା ବନବିଭାଗ ସୂଚନା ଦେଇଛନ୍ତି । ମୃତ ଛୁଆଟିର ପଶୁ ଡାକ୍ତରଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଗଲା ପରେ ଘଟଣାସ୍ଥଳରେ ମୃତ ଛୁଆ ହାତୀଟିକୁ ପୋତି ଦିଆଯାଇଛି । ସୂଚନା ଥାଉକି ସାତ ଦିନ ପୂର୍ବରୁ ଏକ ବିରାଟ ଦନ୍ତାହାତୀର ବରାଗଡ଼ିଆ ଠାରେ ମୃତ୍ୟୁବରଣ କରିଥିଲା । ଯଦି ବନବିଭାଗ ସଜାଗ ନ ରୁହନ୍ତି । ତେବେ ଆଗାମୀ ଭବିଷ୍ୟତରେ ଅନେକ ହାତୀଙ୍କ ମୃତ୍ୟୁ ସମ୍ଭାବନାକୁ ଏଡ଼ାଇ ଦିଆ ନ ଯାଏ ବୋଲି ବୁଦ୍ଧିଜୀବୀ ମହଲରେ ବେଶ୍ ଚର୍ଚ୍ଚା ଚାଲିଛି ।

ଭାରତରତ୍ନ ଏ.ପି.ଜେ ଅବଦୁଲ୍ କଲାମଙ୍କ ଶ୍ରାଦ୍ଧବାର୍ଷିକୀରେ ଏମ୍.କେ.ସି ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି

ବାରିପଦା,୨୭/୦୭ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଏ.ପି.ଜେ ଅବଦୁଲ କଲାମଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିରନ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା କର୍ମଚାରୀ ସ୍ୱର୍ଗତ କଲାମଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାକୁ ସମ୍ମାନ ଜଣାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଶିକ୍ଷକ ମନୋଜ କୁମାର ପରିଡା କାର୍ଯ୍ୟକ୍ରମ ପିରଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର ସ୍ୱର୍ଗତ କଲାମଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ତାଙ୍କର ଅଦମ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଅମୂଲ୍ୟ କୁମ୍ଭକାର, ସତ୍ୟରଞ୍ଜନ ମହାନ୍ତ, ଉପେନ୍ଦ୍ର ନାଥ ବେହେରା, ବିଜୟ କୁମାର ନାଥ, ଶିକ୍ଷୟିତ୍ରୀ ଫରହା ସୁରୁର୍, ଶୁଭଶ୍ରୀ ମହାନ୍ତ ପ୍ରମୁଖ ସ୍ମୃତିରଣ କରିଥିଲେ । ଶିକ୍ଷୟିତ୍ରୀ ଦେବୀପ୍ରଭା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟରେ ଅଛନ୍ତି ୯୯, ୩,୯୭୦ ଗୋରୁଗାଈ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ୨୦୧୯ ପ୍ରାଣୀଧନ ଗଣନା ଅନୁଯାୟୀ ରାଜ୍ୟରେ ୯୯, ୩,୯୭୦ ଗୋରୁଗାଈ ଅଛନ୍ତି , ସେହିପରି ୪ ଲକ୍ଷ ୫୮ ହଜାର ୩୨୪ ମଇଁଷି, ୬୩ ଲକ୍ଷ ୯୩ ହଜାର ୪୫୨ ଛେଳି ଅଛନ୍ତି । ରାଜ୍ୟରେ ୧୨ ଲକ୍ଷ ୭୯ ହଜାର ୧୪୯ ମେଣ୍ଢା ଥିବା ବେଳେ ୧ ଲକ୍ଷ ୩୫ ହଜାର ୧୬୨ ଘୁଷୁରୀ ଅଛନ୍ତି ବୋଲି ରାଜ୍ୟରେ ପଶୁସମ୍ପଦ ନେଇ ଗୃହରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସୂଚନା ଦେଇଛନ୍ତି ।

ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୭/୭(ନି.ପ୍ର): ୩ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ବାଲେଶ୍ୱର ଜିଲାର ଜଳେଶ୍ୱରର ସିନିୟର ସିଭିଲ ଜଜ୍ (ସବ୍‌ଜଜ୍)ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଜଜ୍ ଇନ୍ଦିରା ପ୍ରିଦର୍ଶନୀଙ୍କ ଅନ୍ୟତ୍ର ବଦଳି ହୋଇ ଯାଇଛି । ଏହି ଉପଲକ୍ଷେ ଆଜି ଜଳେଶ୍ୱର ଓକିଲ ସଂଘ ପକ୍ଷରୁ ସଂଘର ସମ୍ମିଳନୀ କକ୍ଷରେ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଛି । ସଂଘର ସଭାପତି ତଥା ବରିଷ୍ଠ ଆଇନ୍‌ଜିବୀ ଅନିଲ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧ